## ସଂକ୍ଷେପରେ

### ଆୟୁର୍ବେଦିକ ଚିକିତ୍ସାଳୟ ଉଦ୍‌ଘାଟିତ



ବରୀ,୧୧।୧୨(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ୍ ଅଧୀନ ବାଲିବିଲ ସାଇ ମନ୍ଦିର ନିକଟରେ ଏକ ଆୟୁର୍ବେଦିକ ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ଡ. ଅରୁଣ କୁମାର ପତି ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବେ ବୋଲି ସୂଚନା ମିଳିଛି। ଡ. ପତି ଦୀର୍ଘ ଦିନ ଧରି ବରୀ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ ବରୀ ମାଉଣ୍ଡଠାରେ ଏକ ଚିକିତ୍ସା ପ୍ରତିଷ୍ଠାନ ଖୋଲି ରୋଗୀ ଚିକିତ୍ସା କରୁଥିଲେ।

### ମେଡିକାଲ ଯାଉଥିବା ଯୁବକଙ୍କ ବାଟରେ ମୃତ୍ୟୁ

ପାଣିକୋଇଲି, ୧୧।୧୨ (ବିକାଶ ମଲ୍ଲିକ)

ଚିକିତ୍ସିତ ହେବାକୁ ମେଡିକାଲ ଯାଉଥିବା ଜଣେ ବ୍ୟକ୍ତିଙ୍କ ବାଟରେ ମୃତ୍ୟୁ ହୋଇଛି। ସେ ହେଲେ ବାଲେଶ୍ୱର ଜିଲା ନୀଳଗିରି ଥାନା ଗୋପୀନାଥପୁର ଗ୍ରାମର ଜୟନ୍ତ ଆଚାର୍ଯ୍ୟଙ୍କ ପୁଅ ଜଗତଜ୍ୟୋତି ଆଚାର୍ଯ୍ୟ(୩୬)। ଜଗତଜ୍ୟୋତି ଲିଭର ସିରୋସିସ ରୋଗରେ ଆକ୍ରାନ୍ତଥିଲେ। ତେଣୁ ଚିକିତ୍ସା ଲାଗି ସେ ଏକୁଟିଆ ବସରେ କଟକ ଯାଉଥିଲେ। ତାଙ୍କ ଶରୀର ଅସୁସ୍ଥ ହେବାରୁ ସେ ପାଣିକୋଇଲି ଓଭରବ୍ରିଜର ଶେଷମୁଣ୍ଡରେ ବସରୁ ଓହ୍ଲାଇ ପଡ଼ିଥିଲେ। ଏହାପରେ ସେଠାରେ ଗୁରୁତର ହୋଇ ପଡ଼ିଥିଲେ। ପାଣିକୋଇଲି ଭାରପ୍ରାପ୍ତ ଥାନାଧିକାରୀ ସ୍ମୃତିମଞ୍ଜରୀ ବଡ଼ଜେନା, ରାଜପଥ ପାଟ୍ରୋଲିଂ ପୋଲିସ ଓ ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ।

# ବାତ୍ୟା 'ଦାନା' ନାଁରେ ଅର୍ଥ ଆତ୍ମସାତ୍ ଅଭିଯୋଗ

## ତଦନ୍ତ ଦାବି ଗଲା ନବନିର୍ମାଣ କୃଷକ ସଙ୍ଗଠନ

ଯାଜପୁର/ବରୀ(ହର୍ଷବର୍ଦ୍ଧନ ବେହେରା/ମହେନ୍ଦ୍ର ସ୍ୱାଇଁ),୧୧।୧୨

ଲୋକଙ୍କ ଟିକସରେ ପୂରୁଛି ସରକାରୀ ତହବିଲ। ଲୋକଙ୍କ ସେବା ପାଇଁ ସରକାରୀ ତହବିଲରୁ ଦରମାରେ ନିୟୋଜିତ ଅଛନ୍ତି ଅଧିକାରୀ ଓ କର୍ମଚାରୀ। ହେଲେ ଅଧିକାରୀ ଓ କର୍ମଚାରୀମାନେ ଲୋକଙ୍କ ଦୁଃଖ ପ୍ରତି ସାମାନ୍ୟତମ ସମ୍ବେଦନ ନ ଥିବା ଭଳି କାର୍ଯ୍ୟ କରୁଛନ୍ତି। ଯାଜପୁର ଜିଲାର ବରୀ ତହସିଲରେ ଗତ ବର୍ଷାଋତୁରେ ବାତ୍ୟା ଦାନାରେ ହୋଇଥିବା ଅନିୟମିତତା ଉପରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏଭଳି ମତପ୍ରକାଶ ପାଇବା ସହ ଆବଶ୍ୟକ ତଦନ୍ତ କରିବାକୁ ଦାବି ହୋଇଛି। ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ ଆହୁରି ଅଭିଯୋଗ କରିଛନ୍ତି ଯେ, ଗତ ବାତ୍ୟା ଦାନା ଓଡ଼ିଶାକୁ ବ୍ୟାପକ କ୍ଷତିଗ୍ରସ୍ତ କରିଥିଲା। ବାତ୍ୟା ବିପନ୍ନମାନଙ୍କୁ ସ୍ଥାନାନ୍ତର କରାଯାଇ ସେମାନଙ୍କୁ ସୁରକ୍ଷିତ ଅବସ୍ଥାରେ ରଖାଯିବାକୁ ସରକାରଙ୍କ ତରଫରୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ବରୀ ବ୍ଲକରେ ମୋଟ ୪୦ଟି ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ପ୍ରଭାବିତ ଲୋକଙ୍କ ରନ୍ଧାଖାଦ୍ୟ ବାବଦରେ ୧୮ ଲକ୍ଷ ୧୭ ହଜାର ୬ ଶହ ଟଙ୍କା ଖର୍ଚ୍ଚ କରାଯାଇଥିବାର ବ୍ଲକ ପ୍ରଶାସନ ତରଫରୁ ସୂଚନା ମିଳିଛି। ବାତ୍ୟା ଦାନାର ପ୍ରଭାବ ବରୀ ବ୍ଲକରେ ବିଶେଷ ଭାବେ ପଡି ନ ଥିଲା। କିନ୍ତୁ ସଂପୃକ୍ତ ଅଧିକାରୀମାନେ ମନୋମୁଖୀ ଭାବେ ଆଶ୍ରୟସ୍ଥଳୀରେ ପ୍ରଭାବିତ ଲୋକଙ୍କ ନାମ ମିଥ୍ୟାରେ ଦର୍ଶାଇ ବିଲ କରି ଅର୍ଥ ହଡପ କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଭିଜିଲାନ୍ସ କୁ ହସ୍ତକ୍ଷେପ କରିବାକୁ ସଙ୍ଗଠନ ପକ୍ଷରୁ ଲିଖିତ ଭାବେ ଅଭିଯୋଗ ପତ୍ରରେ ଦାବି ରଖିଛନ୍ତି। ୭ ଦିନ ମଧ୍ୟରେ ଏଭଳି ବେଆଇନ କାର୍ଯ୍ୟ କରିଥିବା ଅଧିକାରୀଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବରୀ ତହସିଲ କାର୍ଯ୍ୟାଳୟ ପରିସରରେ ଧାରଣା ଦିଆଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏ ସଂକ୍ରାନ୍ତରେ ବରୀ ବିଡିଓ ମହେଶ୍ୱର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ବାତ୍ୟା ପାଇଁ ବିସ୍ଥାପିତ ହୋଇଥିବା ବ୍ୟକ୍ତିମାନଙ୍କ ନାମ ତାଲିକା ନୋଡାଲ ଅଫିସର ପ୍ରସ୍ତୁତ କରିଥିଲେ। ସେମାନଙ୍କ ତାଲିକା ଅନୁଯାୟୀ ଉପଯୁକ୍ତ ପ୍ରାପ୍ୟ ପୈଠ କରାଯାଇଛି। ଉଦୟନାଥପୁର ସରପଞ୍ଚ ସବିତା ସାମଲ କହିଛନ୍ତି, ବାତ୍ୟା ସମୟରେ ବିସ୍ଥାପିତ ଲୋକମାନଙ୍କୁ ନିୟମ ଅନୁଯାୟୀ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଅର୍ଥ ବିନିଯୋଗ ହୋଇଛି। ଏହି ଅଭିଯୋଗ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି ।

# ବ୍ୟାସ ସରୋବର ଜମିରୁ ମୋରମ୍ ଲୁଟ୍ ବେଳେ ଚଢ଼ାଉ







## ହାଇୱା, ଜେସିବି ମେଶିନ ଜବତ

ଯାଜପୁର ରୋଡ଼/ କଳିଙ୍ଗନଗର (ପବିତ୍ର ରଞ୍ଜନ ମହାନ୍ତି/ ଶୁଭାଶିଷ ରାଉତ),୧୧।୧୨

ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧୀନରେ ଥିବା ବ୍ୟାସ ସରୋବରର ବିସ୍ତୀର୍ଣ୍ଣ ସମତଳ ଅଞ୍ଚଳରୁ ମୋରମ ଲୁଟ୍ ଉପରେ ମଙ୍ଗଳବାର ମଧ୍ୟରାତିରେ ଚଢ଼ାଉ କରାଯାଇଛି। ଜଙ୍ଗଲ ବିଭାଗର ଯାଜପୁର ରୋଡ଼ ରେଞ୍ଜର ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ମୋରମ ବୋଝେଇ ୧ ହାଇୱା ସହ ଏକ ଜେସିବି ମେଶିନ ଜବତ କରାଯାଇଛି। ତେବେ ଘଟଣାସ୍ଥଳରୁ ୬ ଟ୍ରାକ୍ଟର ଓ ଗୋଟିଏ ହାଇୱା ଗାଡ଼ି ଫେରାର ହୋଇ ଯାଇଥିବା ସୂଚନା ମିଳିଛି। ଜଙ୍ଗଲ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ପ୍ରାୟ ୩୦୦ ଏକର ଜମି ବିଶିଷ୍ଟ ବ୍ୟାସସରୋବର ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ମୋରମ ଭରପୁର ରହିଛି। ଅଧିକାଂଶ ଅଞ୍ଚଳ ଜଙ୍ଗଲ କିସମ ଜମି ରହିଥିବାରୁ କାହାରିକୁ ମୋରମ ଉତ୍ତୋଳନ ପାଇଁ ଲିଜ୍‌ସୂତ୍ରରେ ଦିଆଯାଉ ନାହିଁ। କିନ୍ତୁ ମୋରମ ବ୍ୟବସାୟୀମାନେ ଏହାକୁ ସୁଯୋଗ ଭାବେ ଗ୍ରହଣ କରି ରାତି ଅଧିଆ ମୋରମ୍ ଲୁଟ୍ କରୁଥିବା ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଘଟଣାଦିନ ଅଞ୍ଚଳବାସୀଙ୍କଠାରୁ ଖବର ପାଇ ଜଙ୍ଗଲ ବିଭାଗ ଚଢ଼ାଉ କରିଥିବା ସୂଚନା ମିଳିଛି।

# ଇମ୍ଫା ପକ୍ଷରୁ ବିଶ୍ୱ ପରିବେଶ, ଖଣିଜ ସମ୍ପଦ ସଂରକ୍ଷଣ ଦିବସ





ବିଶ୍ୱ ପରିବେଶ ଓ ଖଣିଜ ସମ୍ପଦ ସଂରକ୍ଷଣ ଦିବସ ପାଳନ ଅବସରରେ କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ।

କାଳିଆପାଣି,୧୧।୧୨(ଅସିତ ମହାନ୍ତ)

ଯାଜପୁର ଜିଲାର ସୁକିନ୍ଦା କ୍ରୋମଜୋନ ଅଞ୍ଚଳରେ କାର୍ଯ୍ୟ କରୁଥିବା ଇମ୍ଫା କମ୍ପାନୀ ପକ୍ଷରୁ ବିଶ୍ୱ ପରିବେଶ ଓ ଖଣିଜ ସମ୍ପଦ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। କମ୍ପାନୀର ଭୁବନେଶ୍ୱର ରିଜିଅନ ପକ୍ଷରୁ ୨୬ତମ ବିଶ୍ୱ ପରିବେଶ ଓ ଖଣିଜ ସମ୍ପଦ ସଂରକ୍ଷଣ ସପ୍ତାହ ପାଳିତ ହେଉଥିବାବେଳେ ଏଠାରେ ସୁକିନ୍ଦା ଓ ମହାଗିରୀ ଖଣିରେ ଏହି ଦିବସ ପାଳନ କରାଯାଇଛି। ଏହି ଅବସରରେ ପରିଦର୍ଶକମଣ୍ଡଳୀ ଆବାହକ ତଥା ନାଲକୋ ଖଣି ଉପପ୍ରବନ୍ଧକ ବିକାଶ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏମ୍‌ଜିଏମ୍ ମିନେରାଲ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳକ ସତ୍ୟଜିତ ପଣ୍ଡା ଓ ଭୂତତ୍ତ୍ୱବିତ ପିଟିଏ ପରିଚାଳକ ଜୟପ୍ରକାଶ ରାଉତ ପ୍ରମୁଖ ଯୋଗଦେଇ ଦୁଇ ଖଣି ପରିଦର୍ଶନ କରିଥିଲେ। ପରେ ଏକ ସଭାରେ ଯୋଗ ଦେଇଥିଲେ। ସୁକିନ୍ଦା ଖଣି ପରିଚାଳକ ସରୋଜ ମହାନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ ଅପରେସନ ମୁଖ୍ୟ ଲଲାଟେନ୍ଦୁ ମହାପାତ୍ର ଖଣିଜ ସମ୍ପଦ ସଂରକ୍ଷଣ ଓ ପରିବେଶ ସୁରକ୍ଷା ସମ୍ବନ୍ଧରେ ମତ ରଖିଥିଲେ। ସୁକିନ୍ଦା ଖଣି ଅଞ୍ଚଳର ୮ ସ୍କୁଲ୍ କଅଁସ, କଲରଙ୍ଗୀ, କାଳିଆପାଣି, ଚିଙ୍ଗୁଡ଼ିପାଳ, ଗରାମିଆଁ, କୁହିକା, ପିମ୍ପୁଡ଼ିଆ ଓ ଅନଳ ଆଦି ସ୍କୁଲ୍‌ର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ପରିବେଶ ସୁରକ୍ଷା ସମ୍ବନ୍ଧରେ ରଚନା, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଭି ରାକେଶ, ପ୍ରମୋଦ ସ୍ୱାଇଁ, ପରିଚାଳକ ସମରେନ୍ଦ୍ର ସ୍ୱାଇଁ, ଲୋକସମ୍ପର୍କ ବରିଷ୍ଠ ଅଧିକାରୀ ପ୍ରଭାତ ସିଂ, କ୍ଷୀରୋଦ ମହାପାତ୍ର ଓ ମିଳନ ରଞ୍ଜନ କର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାଗିରି ଖଣି ପରିଚାଳକ ରାକେଶ ରାମଧର ଧନ୍ୟବାଦ ଦେଇଥିଲେ।

# ସଡ଼କ ଦୁର୍ଘଟଣାରେ ୧ମାସରେ ୫ ମୃତ

ଡେରାବିଶ,୧୧।୧୨(ବେବର୍ତ୍ତା ଅଜୟ ଦାସ)

ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାସଂସ୍ଥାର ମନମାନି ଯୋଗୁ ରାଜପଥ ମୃତ୍ୟୁଯନ୍ତା ପାଲଟିଛି। ପ୍ରତିଦିନ ଦୁର୍ଘଟଣା ଘଟି ବହୁ ଧନଜୀବନ କ୍ଷତି ଘଟୁଛି। ଠିକାସଂସ୍ଥାର ଚାଳକମାନେ ବେପରୁଆ ଭାବେ ଗାଡି ଚଳାଉଛନ୍ତି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଛି। ବିଭିନ୍ନ ଛକରେ ଓଭରବ୍ରିଜ୍ ନିର୍ମାଣ ଚାଲିଛି। ଏଥିପାଇଁ ରାସ୍ତାକୁ ଡାଇଭର୍ସନ କରାଯାଇଛି। ହେଲେ ଯେଉଁଠାରେ ଡାଇଭର୍ସନ୍ କରାଯାଇଛି ସେଠାରେ ଠିକାସଂସ୍ଥା ସୁରକ୍ଷାକର୍ମୀ ମୁତୟନ କରିନାହିଁ। ଫଳରେ ଗାଡ଼ିଗୁଡିକ କିପରି ଡାଇଭର୍ସନ ରାସ୍ତାକୁ ଛୁଇଁବ ତାହା ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏକମାସ ମଧ୍ୟରେ ଦୁର୍ଘଟଣାରେ ପଞ୍ଚୁପାଣ୍ଡବ, ଅଁଳାବାଙ୍କଠାରେ ୫ଜଣଙ୍କ ଜୀବନ ଯାଇଛି। ଏହାପରେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଠିକାସଂସ୍ଥା ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା ସାଧାରଣରେ ବିଭାଗୀୟ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ନିର୍ମାଣାଧୀନ ଓଭର ବ୍ରିଜ୍ ପାଇଁ ଡାଇଭର୍ସନ୍ ରାସ୍ତାରେ ଠିକାସଂସ୍ଥାର ସୁରକ୍ଷା କର୍ମୀ ମୁତୟନ ନ ହେବା ଓ ସଂସ୍ଥା ପକ୍ଷରୁ ଇଣ୍ଡିକେଟର ବ୍ୟବସ୍ଥା ନ ହେବା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ରାଜପଥର ଯାଜପୁର ଜିଲା ମାତକତପୁର ଛକଠାରୁ କେନ୍ଦ୍ରାପଡ଼ା ଜିଲା ଗୋପଛକ ପର୍ଯ୍ୟନ୍ତ କୌଣସି ସ୍ଥାନରେ ସୂଚନା ଫଳକ ନ ଲଗାଇବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୁର୍ବଳତା ପଦାରେ ପକାଇଛି।

ଏ ସଂକ୍ରାନ୍ତରେ ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି.ବର୍ମାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କୁହନ୍ତି, ଦୁର୍ଘଟଣା ରୋକିବା ପାଇଁ ଏବଂ ଡାଇଭର୍ସନ ରାସ୍ତାରେ ହମ୍ପସ୍ ନିର୍ମାଣ ଠିକାସଂସ୍ଥା ପକ୍ଷରୁ କରାଯିବା ସହ ସୁରକ୍ଷା କର୍ମୀ ନିୟୋଜିତ ରହିବାକୁ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବ।

# ଜନବସତି ନିକଟରେ ଦେଶୀ ମଦ ଦୋକାନ

ବ୍ରହ୍ମବରଦା,୧୧।୧୨ (ଯଯାତି କେଶରୀ ବେହେରା)

ବ୍ରହ୍ମବରଦା ଥାନା ଅନ୍ତର୍ଗତ ବ୍ରହ୍ମବରଦା ସାପ୍ତାହିକହାଟନିକଟରେଥିବାଏକଦେଶୀ ମଦଦୋକାନ ଏବେ ଅଞ୍ଚଳବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଜନବସତି ନିକଟରେ ଥିବା ଉକ୍ତ ଦେଶୀ ମଦ ଦୋକାନ ଯୋଗୁ ଦିନକୁ ଦିନ ବ୍ରହ୍ମବରଦା ଅଞ୍ଚଳରେ ମଦ୍ୟପଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଦୋକାନଟି ଦିନରାତି ଖୋଲା ରହୁଥିବାରୁ ସନ୍ଧ୍ୟା ହେଲେ ଉକ୍ତ ସ୍ଥାନଟି ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବିଭିନ୍ନ ସମୟରେ ଲୋକେ ମଦପିଇ ନିକଟରେ ଥିବା ହାଟ ଓ ରାସ୍ତାଘାଟରେ ଗଡୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ଲୋକେ ଉକ୍ତ ରାସ୍ତାଦେଇ ଯିବାଆସିବା କରିବାକୁ ଏବେ ଭୟ କରୁଛନ୍ତି। ଏହାସହ ପରସ୍ପର ମଧ୍ୟରେ ଅସଭ୍ୟ ଭାଷାରେ କଥାବାର୍ତ୍ତା ହେବା ସହ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗି ରହୁଛି ଓ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥାନୀୟ ଯୁବତୀ, ଯୁବକଙ୍କ ଉପରେ ଏହା କୁପ୍ରଭାବ ପଡୁଛି। ଝିଅ ବୋହୂମାନେ ଚଳିବା କଷ୍ଟକର ହୋଇପଡିଛି। ଏନେଇ ଜିଲା ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ପ୍ରଶାସନ ନୀରବ ବସିଛନ୍ତି। ବିଶେଷ କରି ମଦ ଦୋକାନଟି ବ୍ରାହ୍ମଣୀ ନଦୀବନ୍ଧ ପାର୍ଶ୍ୱରେ ଥିବାରୁ ଝାଲପଡା, କାକୁଡିକୁଦ, ବାଘସାହି ଓ ରୁଦ୍ରପୁର ପଞ୍ଚାୟତ ଅଞ୍ଚଳରୁ ନଦୀ ପାର ହୋଇ ମଦ ପିଇବାକୁ ଆସୁଥିବା ଦେଖିବାକୁ ମିଳିଛି। ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ବେପାରୀ ଓ ଲୋକମାନେ ମଧ୍ୟ ଦୈନିକ ମଦ୍ୟପଙ୍କ ପ୍ରାଦୁର୍ଭାବରେ ଦହଗଞ୍ଜ ହେଉଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ଜନବସତି ନିକଟ ଓ ବ୍ରହ୍ମବରଦା ସରକାରୀ ବିଡି ଶ୍ରମିକ ମେଡିକାଲଠାରୁ ମାତ୍ର ୧୦୦ ମିଟର ଦୂରରେ ଉକ୍ତ ଦେଶୀ ମଦ ଦୋକାନଟି ଅବସ୍ଥିତ। ତେଣୁ ସରକାର ଏଠାରେ ଦେଶୀମଦ ଦୋକାନକୁ କିପରି ଅନୁମତି ଦେଲେ ତାହା ଏବେ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ଅଧିକାଂଶ ଘରେ ବାପ ପୁଅ, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳି ଝଗଡ଼ା ଲାଗି ରହୁଛି ବୋଲି ମତ ପ୍ରକାଶ ପାଇଛି। ତେଣୁ ଜନବସତି ନିକଟରେ ଉକ୍ତ ଦେଶୀ ମଦ ଦୋକାନକୁ ତୁରନ୍ତ ଉଚ୍ଛେଦ କରିବାକୁ ଦାବି ହୋଇଛି। ଏ ସଂକ୍ରାନ୍ତରେ ବ୍ରହ୍ମବରଦା ଥାନାଧିକାରୀ ଅଂଶୁମାନ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କ ଅନୁମତିରେ ଉକ୍ତ ମଦ ଦୋକାନ ଚାଲିଛି। ତେଣୁ ଆଇନର ଯଦି ଉଲ୍ଲଂଘନ ହୁଏ ତେବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ଭିତରକନିକା ସଂରକ୍ଷଣ ପାଇଁ କେନ୍ଦ୍ରର ୨୬ କୋଟି ଅନୁଦାନ

କେନ୍ଦ୍ରାପଡ଼ା,୧୧।୧୨(ଜଗନ୍ନାଥ ଧଳ)

ଓଡ଼ିଶାର କେନ୍ଦ୍ରାପଡ଼ା ଜିଲାରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାର ସଂରକ୍ଷଣ ଓ ଉନ୍ନୟନ ପାଇଁ କେନ୍ଦ୍ର ସରକାର ପକ୍ଷରୁ ୨୬ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଗତ ସୋମବାର ସଂସଦରେ କରିଥିବା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ ଏହି ତଥ୍ୟ ପ୍ରଦାନ କରିଛନ୍ତି। ମନ୍ତ୍ରୀ ଯାଦବ କହିଛନ୍ତି, ୨୦୨୦-୨୧ ଆର୍ଥିକ ବର୍ଷରୁ ୨୦୨୩-୨୪ ମଧ୍ୟରେ ବନ୍ୟଜନ୍ତୁଙ୍କ ଆବାସସ୍ଥଳ ଉନ୍ନୟନ ପାଇଁ କେନ୍ଦ୍ରୀୟ ଯୋଜନା ପାଣ୍ଠିରୁ ୫.୧୨ କୋଟି ଟଙ୍କା ଦିଆଯାଇଛି। ଭିତରକନିକା ଓ ଆଖପାଖ ଅଞ୍ଚଳର ହେନ୍ତାଳ ବଣ ପରିଚାଳନା ଓ ସଂରକ୍ଷଣ ପାଇଁ ୪.୮୭ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏଥିସହ ଏନହାନ୍ସିଂ କ୍ଲାଇମେଟ ରିଜିଲେନ୍ସ ଅଫ୍ ଇଣ୍ଡିଆଜ କୋଷ୍ଟାଲ କମ୍ୟୁନିଟିଜ (ଇସିଆରଆଇସିସି) ପ୍ରକଳ୍ପରେ ସନ୍ତୁଳିତ ପରିବେଶ, ହେନ୍ତାଳବଣ ସୃଷ୍ଟି ଓ ଆଖପାଖ ଜୀବନଜୀବିକାର ସୁରକ୍ଷା ପାଇଁ ୧୬.୪୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ୨୦୨୩ରେ ମ୍ୟାନଗ୍ରୋଭ ଇନିସିଏଟିଭ ଫର୍ ସୋରଲାଇନ୍ସ ହାବିଟାଟସ ଆଣ୍ଡ ଟାଞ୍ଜିବ୍ଲ ଇନ୍‌କମସ (ଏମ୍‌ଆଇଏସ୍‌ଟିଆଇ) ଯୋଜନାରେ ୭୦.୨୭ ଲକ୍ଷ ଟଙ୍କା କେନ୍ଦ୍ରାପଡ଼ା ସମେତ ରାଜ୍ୟର ୪ ଜିଲାକୁ ଖର୍ଚ୍ଚ ପାଇଁ କେନ୍ଦ୍ର ସରକାର ପକ୍ଷରୁ ପ୍ରଦାନ କରାଯାଇଛି। ଏହା ସ୍ଥାନୀୟ ପରିବେଶବିତ୍‌ଙ୍କ ମଧ୍ୟରେ ଖୁସି ଆଣିଥିବା ବେଳେ ଯୋଜନା ଅର୍ଥକୁ ଠିକ ବିନିଯୋଗ ପାଇଁ ଦାବି ରଖିଛନ୍ତି।

ପରିବେଶବିତ୍ ଅଧ୍ୟାପକ କ୍ଷିତିଶ କୁମାର ସିଂହ, ସମରେନ୍ଦ୍ର ମାହାଳି, ଅଶୋକ କୁମାର ସ୍ୱାଇଁ, ଡା. ପି.ଏନ୍ ଗୌରାଙ୍ଗ କହିଛନ୍ତି, ଭିତରକନିକାର ଜୈବ ବିବିଧତା ଏହି ଜିଲା ପାଇଁ ବହୁ ଗୁରୁତ୍ୱ ବହନ କରେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଭିତରକନିକାର ହେନ୍ତାଳବଣର ଅବଦାନ ଜିଲାବାସୀ ବିଭିନ୍ନ ସାମୁଦ୍ରିକ ଝଡ ସମୟରେ ଅନୁଭବ କରିଛନ୍ତି। ତେବେ ଏହି ଅଞ୍ଚଳରେ ଅବୈଧ ଚିଙ୍ଗୁଡି ଘେରି ନିର୍ମାଣ, ଅନୁପ୍ରବେଶକାରୀଙ୍କ ଜଙ୍ଗଲ ଜମି ଜବରଦଖଲ, ବନ୍ୟ ଓ ସାମୁଦ୍ରିକ ଜୀବର ଶୀକାର ଆଦି ଜାତୀୟ ଉଦ୍ୟାନର ବହୁ କ୍ଷତି କରୁଛି। ସେହିପରି ମଧୁର ପାଣି ଅଭାବରୁ ହେନ୍ତାଳବଣ ବୃଦ୍ଧି ସମ୍ଭବ ହୁଏନି। ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ସୁରକ୍ଷାରେ ଏହି ଅନୁଦାନ ଖର୍ଚ୍ଚ ହୋଇ ପାରିଲେ ପରିବେଶର ସୁରକ୍ଷା ହେବ ବୋଲି ସେମାନେ କହିଛନ୍ତି।

# ସାନ୍ତାଳୀ ଭାଷା ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଧାୟକଙ୍କ ଦାବି

ମହାକାଳପଡ଼ା,୧୧।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବହୁ ସଂଖ୍ୟାରେ ଆଦିବାସୀ ପରିବାର ବସବାସ କରନ୍ତି। ହେଲେ ସେମାନଙ୍କ ମୌଳିକ ସମସ୍ୟାର ସମାଧାନ ହୋଇନାହିଁ। ଏହି ପରିବାରର ପିଲାମାନଙ୍କ ପାଇଁ ଆବଶ୍ୟକ ସ୍କୁଲ ନ ଥିବାରୁ ସାନ୍ତାଳୀ ସମ୍ପ୍ରଦାୟର ପିଲାମାନେ ନିଜ ଭାଷାରେ ଶିକ୍ଷା ପାଇ ପାରୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଏକ ସାନ୍ତାଳୀ ଭାଷା ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଧାନସଭାର ଶୀତକାଳୀନ ଅଧିବେଶନରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସାନ୍ତାଳୀ ସମ୍ପ୍ରଦାୟ ମହାକାଳପଡ଼ା ବ୍ଲକ୍ ଅଧୀନ ପେଟଛେଲା ପଞ୍ଚାୟତର ଲୁଣି ମାଠିଆ ଶବରପଡ଼ା, ଜଙ୍ଗଲ ଘେରି , ରାମଚଣ୍ଡିପଡ଼ା, ଖରୀନାସି ପଞ୍ଚାୟତର ବାର ନମ୍ବର, ହରିଆ ବାଙ୍କ, ବଉଳକଣି ପଞ୍ଚାୟତର ସିମ୍ପଡ଼ା, ବାଘୁଆମେଦ, ପନ୍ଦର ମାଇଲି ଆଦି ଅଞ୍ଚଳରେ ବସବାସ କରୁଛନ୍ତି। ସ୍କୁଲ ପ୍ରତିଷ୍ଠା ହେଲେ ସାନ୍ତାଳି ଭାଷା ସୁଦୂର ପ୍ରସାର ହୋଇ ପାରିବ ବୋଲି ବିଧାୟକ ନାୟକ ମତବ୍ୟକ୍ତ କରିଛନ୍ତି।

# କଦମପାଳ ଗ୍ରାମରେ କର୍ମୀ ସମ୍ମିଳନୀ

କାଏମା,୧୧।୧୨(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ କଦମପାଳ ପଞ୍ଚାୟତରେ ବୁଧବାର ଧର୍ମଶାଳା ଭାଜପା ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଓ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ସମ୍ମାନିତ ଅତିଥିଭାବେ ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ ଯୋଗଦେଇଥିଲେ। ବିଧାୟକ ନୋସ୍ତଠାରେ ଥିବା ମା' ବୁଢୀଜାଗୁଲାଇ ପୀଠରେ ପୂଜାର୍ଚ୍ଚନା କରି ସମ୍ମିଳନୀସ୍ଥଳକୁ ଆସିଥିଲେ। ଏହି ସମ୍ମିଳନୀରେ ୫ ହଜାରରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ଯୋଗଦାନ କରିଥିଲେ। ବିଧାୟକ ନିର୍ବାଚନ ସମୟରେ ପଞ୍ଚାୟତବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ଯଥାସମ୍ଭବ ପୂରଣ କରିବା ସହିତ ତାଙ୍କ ଉପରେ ବିଶ୍ୱାସ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ମାନମର୍ଯ୍ୟାଦା ରଖିବେ ବୋଲି କହିଥିଲେ। ଏଥିସହିତ କଦମପାଳ ପଞ୍ଚାୟତକୁ ଧର୍ମଶାଳରେ ଏକ ନମ୍ବର କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଉଭୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତସଭାରେ ପଞ୍ଚାୟତ ସଭାପତି ରାଜେନ୍ଦ୍ର ଜେନା, ଅମିତ ପ୍ରଧାନ, ଅଜିତ କୁମାର ଜେନା, ଚନ୍ଦ୍ରକାନ୍ତ ଜେନା, ଦେବବ୍ରତ ପ୍ରଧାନ, ହିମାଂଶୁ ପ୍ରଧାନ, ତପନ ମାହୁନ୍ତ, ପ୍ରହଲ୍ଲାଦ ସ୍ୱାଇଁ, ବିଶ୍ୱରଞ୍ଜନ ସାମଲ, ରାଜେଶ ପାଳ, ତୀର୍ଥରାଜ ପଣ୍ଡା ଓ ଶ୍ରଦ୍ଧାଞ୍ଜଳି ଜେନା ପ୍ରମୁଖ ଯୋଗଦେଇଥିଲେ।



ଭାଜପା କର୍ମୀ ସମ୍ମିଳନୀରେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



୪୧ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ବ୍ରହ୍ମବରଦା,୧୧।୧୨ (ଯଯାତି କେଶରୀ ବେହେରା)

ଯାଜପୁର ବ୍ଲକ ଅଧୀନ ଝାଲପଡ଼ା ପଞ୍ଚାୟତର କାକୁଡିକୁଦ-ନୀଳକଣ୍ଠପୁର ସତ୍ୟସାଇ ଖେଳ ପଡ଼ିଆରେ ୪୧ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଗୋଲକୁଣ୍ଡ ମେଡିକାଲର ଡାକ୍ତର ନିବେଦିତା ଦାସ ଓ ଝାଲପଡ଼ା ସରପଞ୍ଚ ଭାରତୀ ମଲ୍ଲିକ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଲିଗ ମ୍ୟାଚ୍ ଇଞ୍ଜନପୁର ଯାଜପୁର ଓ ଚନ୍ଦନପୁର ବରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ଚନ୍ଦନପୁର କ୍ରିକେଟ ଦଳକୁ ପରାସ୍ତ କରି ଇଞ୍ଜନପୁର କ୍ରିକେଟ ଟିମ୍ ବିଜୟ ଲାଭ କରିଥିଲା। ଇଞ୍ଜନପୁର କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସେକ୍ ସାହାବୁଦ୍ଦିନ ୫୩ ଓ ଆଦର୍ଶ ମହାନ୍ତି ୩୭ ରନ କରିଥିଲେ। ବିପକ୍ଷଦଳର ବୋଲର ଶିବସୁନ୍ଦର ଦାସ ୪ ଓଭର ବୋଲିଂ କରି ୩୮ ରନଦେଇ ୩ ଉଇକେଟ ନେଇଥିଲେ। ଜବାବରେ ଚନ୍ଦନପୁର କ୍ରିକେଟ ଟିମ ୨୦ ଓଭରରେ ୯ ଉଇକେଟ ହରାଇ ୧୬୫ ରନ କରି ପରାଜୟ ବରଣ କରିଥିଲା। ଦଳ ପକ୍ଷରୁ ସୁଶାନ୍ତ ବେହେରା ୩୫ ରନ କରି ଅପରାଜିତ ରହିଥିବାବେଳେ ବିପକ୍ଷ ଦଳର ବୋଲର ଆକାଶ ନାୟକ ଓ ସେକ ଆଝାର ୨ଟି ଲେଖାଏ ଉଇକେଟ ନେଇଥିଲେ। ବିଜୟ ଦଳର ସେକ୍ ସାହାବୁଦ୍ଦିନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଭାବେ ସାମାଜିକକର୍ମୀ ନିରଞ୍ଜନ ଜେନା ପୁରସ୍କୃତ କରିଥିଲେ। ଖେଳକୁ ଅମ୍ପାୟାର ଶରତ ଚନ୍ଦ୍ର ଜେନା, ସୁମନ ସାହୁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ପ୍ରିୟନାଥ ରାଉତ ଓ ଉଦୟରଣା ଏବଂ ସ୍କୋରରେ ଚିନ୍ମୟ ଦଳାଇ ଓ ରୋସନ ସାହୁ ସହଯୋଗ କରିଥିଲେ। ନିରଞ୍ଜନ ଜେନା, ହେମନ୍ତ ସାହୁ, ପତିତପାବନ ସାମଲ, ରଞ୍ଜିତ ନାୟକ, ଉତ୍କଳ ଜେନା, ଦିଲୀପ ଜେନା, ବାଦଲ ରାଏ, ସୁନିଲ ଜେନା, ମାଧବ ଜେନା, ବଳରାମ ସାହୁ, ଅଭିମନ୍ୟୁ ଦାସ, ସଭାପତି ପ୍ରିୟନାଥ ରାଉତଙ୍କ ସମେତ ସତ୍ୟସାଇ କ୍ରିକେଟ ଟିମର ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର ସତ୍ୟସାଇ କ୍ରିକେଟ ଟିମ ଓ ଆଞ୍ଚଳିକ ଯୁବପରିଷଦ ପଞ୍ଚୁପାଣ୍ଡବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

## ଆଶା ସାର୍ଟିଫିକେଶନ କାର୍ଯ୍ୟକ୍ରମ

ରଘୁନାଥପୁର,୧୧।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆଶା ସାର୍ଟିଫିକେଶନ କାର୍ଯ୍ୟକ୍ରମର ବୁଧବାର ଶୁଭାରମ୍ଭ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରାକେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହାଜିପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସଭାଗୃହରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିପିଏମ୍ ସ୍ମୃତି ରେଖାମହାନ୍ତି, ପିଏଚ୍ଇଓ ଭବାନୀ ଶଙ୍କର ହାଲ୍‌ଦାର, ଡା. ଲୋକନାଥ ସାହୁ ପ୍ରମୁଖ ଯୋଗଦେଇ ଏହି ସାର୍ଟିଫିକେଶନରେ ଅଂଶଗ୍ରହଣ କରିଥିବା ୨୮ ଜଣଙ୍କୁ ଶୁଭେଚ୍ଛା ଜଣାଇଥିଲେ। ୩ଟି ପର୍ଯ୍ୟାୟ ବିଶିଷ୍ଟ ଏହି ସାର୍ଟିଫିକେଶନ କାର୍ଯ୍ୟକ୍ରମର ଇଣ୍ଟରର୍ନାଲ ପର୍ଯ୍ୟାୟରେ ଡା. ନୀଳୋତ୍ପଳା ରାଉତ, ଡା. ଲୋକନାଥ ସାହୁ ଏବଂ ଅମିତା ପଣ୍ଡା ପରୀକ୍ଷକ ଭାବେ ଯୋଗଦେଇଥିଲେ। ୧୩ରେ ଏକ୍ସଟରର୍ନାଲ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ୨୨ରେ ମୁଖ୍ୟ ପରୀକ୍ଷା ଜଗତ୍‌ସିଂହପୁରସ୍ଥିତ ପୁନଙ୍ଗ ଉଚ୍ଚ ବିଦ୍ୟାଳୟରେ କରାଯିବ ବୋଲି ସୂଚନା ଦିଆଯାଇଛି। ଶେଷରେ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ରୁବି ହାଂସଦା ଧନ୍ୟବାଦ ଦେଇଥିଲେ।

# ରାଜକନିକାକୁ ଏନ୍ଏସିରେ ଅନ୍ତର୍ଭୁକ୍ତ କରିବା ଦାବି ତେଜିଲା

### ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ରାଜକନିକା,୧୧।୧୨(ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲାର ଐତିହାସିକ ଭିତ୍ତିଭୂମି ଭାବେ ପରିଚିତ କନିକାକୁ ଏନ୍ଏସିର ମାନ୍ୟତା ଦେବାପାଇଁ ରାଜକନିକା ଏନ୍ଏସି କ୍ରିୟାନୁଷ୍ଠାନ କମିଟି ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ସୁକାନ୍ତ ଦାଶ ଓ ଶରତ ଜେନା ଅଞ୍ଚଳବାସୀଙ୍କ ଶତାଧିକ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ସହ ଏନ୍ଏସି ମାନ୍ୟତାର ପୂରଣ ପାଇଁ ଆବଶ୍ୟକୀୟ ହେଉଥିବା ସମସ୍ତ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ଏହି ମାନ୍ୟତା ପ୍ରାପ୍ତି ପାଇଁ ରାଜକନିକାକୁ ବିଚାରକୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।


ମୁଖ୍ୟମନ୍ତ୍ରୀଙ୍କୁ ଏନ୍ଏସି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୂଚନାଯୋଗ୍ୟ, ରାଜା ରାଜୁଡ଼ା ଅମଳରୁ ରାଜକନିକା ଏକ ଗ୍ରାମୀଣ ସହର ଭାବେ ପରିଚିତ ହୋଇ ଆସିଛି। ପ୍ରାୟ ୨ ଶହ ବର୍ଷ ତଳର ଏହି ଗ୍ରାମୀଣ ସହର ୧୯୮୦ରେ ସହରାଞ୍ଚଳର ବିଧି ବ୍ୟବସ୍ଥାକୁ ଆପଣେଇ ଥିବା ବେଳେ ଏହି ଅଞ୍ଚଳର ରାଜସ୍ୱ ଭିତ୍ତିଭୂମିର ମଧ୍ୟ ବିକାଶ ପାଇଁ ପରିଯୋଜନାବଦ୍ଧ ହୋଇଛି। ତେବେ ଗ୍ରାମୀଣ ସହରର ବିବିଧ ଆବଶ୍ୟକତା ପୂରଣ କରୁଥିବା ରାଜକନିକା ଅଞ୍ଚଳକୁ ଏହି ବ୍ୟବସ୍ଥାରେ ସାମିଲ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉତ୍ସାହକୁ ବୁଝି କ୍ରିୟାନୁଷ୍ଠାନ କମିଟି ସଚେତନତା ସୃଷ୍ଟି କରିଛି। ପ୍ରଶାସନିକ ସ୍ତରରେ ରାଜକନିକା ସଦରର ବହୁ ପଞ୍ଚାୟତକୁ ନେଇ ଏନ୍ଏସି ଗଠନ ହେବାର ପ୍ରକ୍ରିୟା ଆରମ୍ଭ ହେବାର ପ୍ରସ୍ତାବ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଦୀର୍ଘ ୧୫ ମିନିଟର ଆଲୋଚନା ପରେ ତଥ୍ୟ ଭିତ୍ତିକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବ ସରକାର ସମୟରେ ଗତ ଫେବୃଆରୀ ମାସରେ ୫୭ଟି ନୂଆ ଏନଏସି ଗଠନ କରିବାର ଘୋଷଣା ପରେ ଆଳି ଓ ରାଜକନିକା ବ୍ଲକରେ ନୈରାଶ୍ୟ ସୃଷ୍ଟି କରିଥିଲା।

# ସ୍ୱଚ୍ଛ ପାନୀୟ ଜଳ, ପରିବେଶ ମଣିଷକୁ ଦୀର୍ଘାୟୁ କରେ


କର୍ମଶାଳାକୁ ବିଭାଗୀୟ ଅଧିକାରୀ ଉଦ୍‌ଘାଟନ କରୁଛନ୍ତି।

କୁଜଙ୍ଗ,୧୧।୧୨(ମନୋଜ ପ୍ରଧାନ)

### ବ୍ଲକସ୍ତରୀୟ ଗ୍ରାମ୍ୟ ଜଳ ଯୋଗାଣ, ପରିମଳ ପରିଚାଳନା କର୍ମଶାଳା

ମଣିଷ ପାଇଁ ବର୍ତ୍ତମାନ ସ୍ୱଚ୍ଛ ପାନୀୟ ଜଳ ଓ ପରିବେଶ ନିତ୍ୟାନ୍ତ ଆବଶ୍ୟକ। ସମଗ୍ର ବିଶ୍ୱ ବର୍ତ୍ତମାନ ପାନୀୟ ଜଳ ଓ ପରିବେଶ ପ୍ରଦୂଷଣରେ ଶିକାର ହୋଇ ନିରାକରଣ ପାଇଁ ବାଟ ଖୋଜୁଛି। ମଣିଷ ଜୀବନ ପାଇଁ ସ୍ୱଚ୍ଛ ପାନୀୟ ଜଳ ଓ ପରିବେଶ ଅମୂଲ୍ୟ ସମ୍ପଦ। ତେଣୁ ସରକାର ନଳ ଯୋଗେ ଯୋଗାଇ ଦେଉଥିବା ପାନୀୟ ଜଳ କିପରି ସ୍ୱଚ୍ଛ ରହିବ ଓ ପରିମଳ ବ୍ୟବସ୍ଥା କିପରି ସ୍ୱଚ୍ଛ ରହିବ ତାହାର ସୁପରିଚାଳନା ଉପରେ ଗୁରୁତ୍ୱ ଦେଉଛନ୍ତି। ଏସଂକ୍ରାନ୍ତରେ ବ୍ଲକସ୍ତରୀୟ କର୍ମଶାଳାକୁ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ବୁଧବାର ଉଦ୍‌ଘାଟନ କରି କହିଥିଲେ, ସ୍ୱଚ୍ଛ ପାନୀୟ ଜଳ ଓ ପରିବେଶ ମଣିଷକୁ ନିରୋଗ ଓ ଦୀର୍ଘାୟୁ କରିବାରେ ସହାୟକ ହୁଏ। କୁଜଙ୍ଗ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ସୁଶ୍ରୀ ମାନସୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଜଗତ୍‌ସିଂହପୁର ଜିଲା ପରିମଳ ପରିଚାଳନା ପରାମର୍ଶଦାତା ରଞ୍ଜିତ ପରିଡ଼ା, ବିଶେଷଜ୍ଞ ଶୁଭ ନାରାୟଣ ମିଶ୍ର ଯୋଗଦେଇ ଜଳ ଓ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ମଣିଷ ନିଜକୁ କିପରି ପ୍ରସ୍ତୁତ କରିବ ସେ ଉପରେ ପରାମର୍ଶ ଦେଇଥିଲେ। ଅନ୍ୟପଟେ ଗ୍ରାମୀଣସ୍ତରରେ କିପରି ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ପରିଚାଳନା ହେବା ପାଇଁ କମିଟି କୁ କ୍ରିୟାଶୀଳ କରାଯାଇ ଉପଭୋକ୍ତାଙ୍କ ଠାରୁ ବ୍ୟବହାରିକ ଶୁଳ୍କ ଆଦାୟ ହୋଇପାରିବ ସେଥିନିମନ୍ତେ କର୍ମଶାଳାରେ ଆଲୋଚନା ହୋଇଥିଲା। କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ, ପ୍ରଜ୍ଞାଦୀପ୍ତ ପଟ୍ଟନାୟକ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ପଙ୍କପାଳ ସରପଞ୍ଚ ସରୋଜ ସେଠୀଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ସୁରକ୍ଷା କର୍ମୀଙ୍କ ଉପରେ ମାଡ଼ିଗଲା ଗାଡ଼ି

ଚଣ୍ଡିଖୋଲ,୧୧।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ୮ ଲେନ ନିର୍ମାଣ କାର୍ଯ୍ୟ ଚାଲୁଛି। ଏହି କାର୍ଯ୍ୟରେ ନିୟୋଜିତ ଥିବା ଅଗ୍ରୱାଲ ଇନ୍‌ଫ୍ରା ଷ୍ଟ୍ରକଚର ଠିକା ସଂସ୍ଥାର ଜଣେ ସୁରକ୍ଷା କର୍ମୀଙ୍କ ଉପରେ ମଙ୍ଗଳବାର ରାତିରେ ଗ୍ରେଡର ମେସିନ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ବିହାର ରାଜ୍ୟ ବେଗୁସରାଇ ଜିଲା ରଘୁନନ୍ଦନପୁର ଗ୍ରାମର ମନୋଜ କୁମାର(୩୩)। ସୂଚନା ଅନୁଯାୟୀ, ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭାକୁଡ ଛକ ନିକଟରେ କାର୍ଯ୍ୟ ଚାଲୁଥିବାବେଳେ ଗ୍ରେଡର ମେସିନ ପଛପଟେ ମନୋଜ ଠିଆ ହୋଇଥିଲେ। ହଠାତ ଡ୍ରାଇଭର ମେସିନକୁ ପଛକୁ ଚଳାଇବାରୁ ମନୋଜଙ୍କ ଉପରେ ମେଶିନ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ତାଙ୍କ ପରିବାର ଲୋକେ ବୁଧବାର ଆସି ପହଞ୍ଚିବା ପରେ ପୋଲିସ ମୃତଦେହ ହସ୍ତାନ୍ତର କରିଥିଲା। ଘଟଣାରେ ଗ୍ରେଡର ମେଶିନ ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସମରଜିତ ନାୟକ ପ୍ରକାଶ କରିଛନ୍ତି।

## ଚିକିତ୍ସିତ ହେବାକୁ ଯାଉଥିବା ଯୁବକଙ୍କ ବାଟରେ ମୃତ୍ୟୁ

ପାଣିକୋଇଲି,୧୧।୧୨(ବିକାଶ ମଲ୍ଲିକ)

ଚିକିତ୍ସିତ ହେବାକୁ ମେଡିକାଲ ଯାଉଥିବା ଜଣେ ବ୍ୟକ୍ତିଙ୍କ ବାଟରେ ମୃତ୍ୟୁ ହୋଇଛି। ସେ ହେଲେ ବାଲେଶ୍ୱର ଜିଲା ନୀଳଗିରି ଥାନା ଗୋପୀନାଥପୁର ଗ୍ରାମର ଜୟନ୍ତ ଆଚାର୍ଯ୍ୟଙ୍କ ପୁଅ ଜଗତଜ୍ୟୋତି ଆଚାର୍ଯ୍ୟ(୩୬)। ଜଗତଜ୍ୟୋତି ଲିଭର ସିରୋସିସ ରୋଗରେ ଆକ୍ରାନ୍ତଥିଲେ। ତେଣୁ ଚିକିତ୍ସା ଲାଗି ସେ ଏକୁଟିଆ ବସରେ କଟକ ଯାଉଥିଲେ। ତାଙ୍କ ଶରୀର ଅସୁସ୍ଥ ହେବାରୁ ସେ ପାଣିକୋଇଲି ଓଭରବ୍ରିଜର ଶେଷମୁଣ୍ଡରେ ବସରୁ ଓହ୍ଲାଇ ପଡ଼ିଥିଲେ। ଏହାପରେ ସେଠାରେ ଗୁରୁତର ହୋଇ ପଡ଼ିଥିଲେ।

# ତାଳଗଛ ମୂଳକୁ ଡ୍ରିଲ ମେଶିନରେ କଣା କରି ଔଷଧ ପ୍ରୟୋଗ

### ୭ ଗଛ ମଲା, ତଦନ୍ତ ପାଇଁ ରେଞ୍ଜରଙ୍କ ନିର୍ଦ୍ଦେଶ

ମହାକାଳପଡ଼ା,୧୧।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ବାଙ୍କିଛନ୍ଦା ଗ୍ରାମର ସରୋଜ କୁମାର ରାଉତଙ୍କ ବାଡ଼ିରେ ଥିବା ୭ଟି ତାଳ ଗଛକୁ ଔଷଧ ପ୍ରୟୋଗ କରି ମାରି ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବନ ବିଭାଗରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗକୁ ଭିତ୍ତି କରି ରେଞ୍ଜର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ସରୋଜଙ୍କ ବାଡ଼ିରେ ଥିବା ୭ଟି ତାଳଗଛ ଅଳ୍ପଦିନ ତଳେ ସତେଜ ଥିଲା। ହେଲେ ଧିରେ ଧିରେ ସେହି ଗଛଗୁଡ଼ିକର ବାହୁଙ୍ଗା ଶୁଖି ଯିବା ସହିତ ମରିବାକୁ ଆରମ୍ଭ କରିଥିଲା। ଏହାଦେଖିବା ପରେ ସରୋଜ ଚିନ୍ତାରେ ପଡିଥିଲେ। କାହିଁକି ସେହି ଗଛଗୁଡ଼ିକ ଏକ ସଙ୍ଗେ ମରିଲା ତାହା ସେ ଅନୁଧ୍ୟାନ କରିଥିଲେ। ଗଛମୂଳରେ ଗୋଟିଏ ଲେଖାଏ ବଡ଼ ଗାତ ହୋଇଥିବା ଦେଖିଲେ। ସେହି ଗାତ ଦେଇ କେହି ବିଷାକ୍ତ


ତାଳଗଛ ମୂଳ କଣା ହୋଇଛି।

ଔଷଧ ପ୍ରୟୋଗ ଯୋଗୁ ଏପରି ହୋଇଛି ବୋଲି ସେ ଜାଣି ପାରିଥିଲେ। ଏ ନେଇ ସରୋଜ ସେହି ଗ୍ରାମର ଅମିୟ କୁମାର ରାଉତଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ତାଳ ଗଛ ମୂଳକୁ ଡ୍ରିଲ ମେଶିନରେ ଖୋଳି ସେ ଔଷଧ ପ୍ରୟୋଗ କରିଥିବା ସେ ଜନ୍ମୁ ରେଞ୍ଜ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ରେଞ୍ଜ ଅଧିକାରୀ ବେହେରା ଏହି ଘଟଣାର ତଦନ୍ତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି ଘଟଣା ଜିଲାରେ ପ୍ରଥମ ଥର ବୋଲି କୁହାଯାଇଛି।

## ଯୁବଛାତ୍ରଙ୍କ ମଧ୍ୟରେ ସାମାଜିକ ପ୍ରତିବଦ୍ଧତା, ଚେତନା ଜାଗ୍ରତ ପାଇଁ ମହାପୁରୁଷଙ୍କ ଜୀବନୀ ଜାଣିବା ଆବଶ୍ୟକ

ରଘୁନାଥପୁର,୧୧।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

### ରେତ୍ତୁଆରେ ଯୁବଛାତ୍ର ଶିବିର

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେତ୍ତୁଆସ୍ଥିତ ବୃନ୍ଦାବନଚନ୍ଦ୍ର ମଠ ପରିସରରେ ଆଞ୍ଚଳିକ ବିକାଶ ପରିଷଦ ରେତ୍ତୁଆ ତରଫରୁ ଏକ ଯୁବ ଛାତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ପରିଷଦର ଆବାହକ ସ୍ନେହାଂଶୁ ଜେନା ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ଦେବୀପ୍ରସାଦ ମହାରଣାଙ୍କ ପରିଚାଳନାରେ ଆୟୋଜିତ ଶିବିରରେ କବି ଶୈଳଜ ରବି ଯୋଗଦେଇ ଯୁବଛାତ୍ରଙ୍କ ମଧ୍ୟରେ ସାମାଜିକ ପ୍ରତିବଦ୍ଧତା ଓ ଚେତନା ଜାଗ୍ରତ ନିମନ୍ତେ ମହାତ୍ମା ଗାନ୍ଧୀ, ବିନୋବାଭାବେ ଓ ବିବେକାନନ୍ଦଙ୍କ ଭଳି ମହାପୁରୁଷମାନଙ୍କ ଜୀବନୀ ଜାଣିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଆଇଆଇଟି ପ୍ରଫେସର ତାରାକାନ୍ତ ନାୟକ ଯୋଗଦେଇ କର୍ପୋରେଟରମାନଙ୍କ ଶୋଷଣ ଷଡ଼ଯନ୍ତ୍ର ସମ୍ପର୍କରେ ବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳ ସମ୍ପାଦକ ରମାକାନ୍ତ ମଣ୍ଡଳ ଶିବିରାର୍ଥୀମାନଙ୍କୁ ସରକାରଙ୍କ ମଦ ବେପାରକୁ ବିରୋଧ କରିଥିଲେ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଂଯୋଜିକା ଇନ୍ଦୁମତୀ ସାହୁ ଅଞ୍ଚଳ ବିକାଶରେ ମହିଳାମାନଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ। ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ଗୀତା ରଥ ଓ ଗାନ୍ଧିବାଦୀ ନେତା ସୁରେନ ରାଉତ ଅତିଥିଭାବେ ଯୋଗଦେଇଥିଲେ। ଏହାପରେ ଶିବିରାର୍ଥୀମାନଙ୍କ ପ୍ରଶ୍ନୋତ୍ତର ଏବଂ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଞ୍ଚଳ ବିକାଶରେ ଅଞ୍ଚଳବାସୀଙ୍କ ଭାଗିଦାରିତା ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶୁଭାଶିଷ ସ୍ୱାଇଁ, ସୌଭାଗ୍ୟ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ରମାକାନ୍ତ ରଣା, ଗଗନ ବିଶ୍ୱାଳ, ଶାରଦା ପ୍ରସାଦ ଜେନା, ପ୍ରମୋଦ ପାଳ, ଭାସ୍କର ପାଳ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

# ଭିତରକନିକା ପାଇଁ ବିପଦ ରାଜନଗର ଡିଏଫ୍‌ଓ

ରାଜନଗର,୧୧।୧୨(ଭାସ୍କର ରାଉତରାୟ)

### ପେଣ୍ଠ ବେଳାଭୂମିରେ ଇକୋ ରିଟ୍ରିଟକୁ ଭାଜପା ନେତାଙ୍କ ବିରୋଧ

ରାଜ୍ୟରେ ଗୋ ହିତୈଶୀ ସରକାର ରହିଛି। ସରକାର ଗୋ-ହତ୍ୟା ବିରୋଧୀ ଆଇନ ଆଣିବାକୁ ଯାଉଛନ୍ତି। ମାତ୍ର ସାତଭାୟାକୁ ନିଷିଦ୍ଧାଞ୍ଚଳ କହି ଗୋରୁଙ୍କୁ ମରିବାକୁ ଛାଡି ଦିଆଗଲା। ସାତଭାୟାରେ ଶତାଧିକ ଗୋରୁଙ୍କ ମୃତ୍ୟୁ ଖବରକୁ ବନବିଭାଗ ଲୁଚାଇ ରଖିବା ସହ ସେ ଅଞ୍ଚଳକୁ ସାଧାରଣ ଲୋକଙ୍କୁ ଛଡା ଯାଉ ନ ଥିଲା। ଏପରି କି ନଭେମ୍ବର ୧୪ରେ ଗୋଖାଦ୍ୟ ନେଇ ସେ ଅଞ୍ଚଳକୁ ଆମେ ଯିବା ବେଳେ ଆମକୁ ଛଡା ଯାଇ ନ ଥିଲା। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ଡିଏଫ୍‌ଓ ସେ ଅଞ୍ଚଳରେ ଚାଲିଥିବା ଅରାଜକତା ଲୁଚାଇବାକୁ ଆମକୁ ଛାଡି ନ ଥିଲେ। ଆମେ ଆଜି ସାତଭାୟାରେ ପହଞ୍ଚିବା ପରେ ତାହା ଜାଣିବାକୁ ପାଇଲୁ। ସେ ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ଆଳରେ ହୋଇଥିବା ଦୁର୍ନୀତି, ବେଆଇନ ମାଛ ଚାଷ ଓ କଇଁଛ ମୃତ୍ୟୁକୁ ଲୁଚାଇବାକୁ ଡିଏଫଓ ସାତଭାୟା ଅଞ୍ଚଳକୁ ନିଷିଦ୍ଧାଞ୍ଚଳ କରି ରଖିଛନ୍ତି। ସେଠି ଜନବସତି ଅଛି, ଲୋକେ ରହୁଛନ୍ତି। କିନ୍ତୁ ଆମେ ଯାଇ ପାରିବୁନି ଏହା କେଉଁ ଆଇନରେ ରହିଛି ବୋଲି ପ୍ରଶ୍ନ କରିବା ସହ ରାଜନଗର ଡିଏଫ୍‌ଓ ଜଙ୍ଗଲ, ପଶୁ ସମ୍ପଦ ଓ ଭିତରକନିକାର ଜୈବ ବିବିଧତା ପ୍ରତି ବିପଦ। ସେ ଯେତେ ଅଧିକ ସମୟ ରାଜନଗରରେ ରହିବେ, ଭିତରକନିକା ପାଇଁ ସେତେ ବିପଦ ମାଡି ଆସିବ ବୋଲି ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ କହିଛନ୍ତି।

ବୁଧବାର ରାଜନଗର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ତଥା ବରିଷ୍ଠ ଭଜପା ନେତା ଭୁବନ ମୋହନ ଜେନା ଏକ ଖବରଦାତା ସମ୍ମିଳନୀରେ ଭିତରକନିକାର ଅବକ୍ଷୟ ପାଇଁ ଡିଏଫ୍‌ଓଙ୍କୁ ସେ ସିଧାସଳଖ ଦାୟୀ କରିଛନ୍ତି। ସାତଭାୟାରେ ଗୋବଂଶ ଲୋପ କରିଦେବା ପାଇଁ ବନବିଭାଗ ଚକ୍ରାନ୍ତ କରିଥିଲା। ଗଣମାଧ୍ୟମରେ ଖବର ପ୍ରକାଶ ପାଇ ନ ଥିଲେ ଆଜି ସାତଭାୟାରେ ଗୋବଂଶ ନ ଥାଆନ୍ତା। ଗାଈଙ୍କ ଗୋବରରୁ ଲୁଥେନ ଗ୍ୟାସ ବାହାରୁଥିବାରୁ ଗୋ ବଂଶ ଲୋପ କରିଦେବା ପାଇଁ ବନବିଭାଗର ଏହା ଷଡଯନ୍ତ୍ର ଥିଲା ବୋଲି ସେ କହିଛନ୍ତି। ଏଥିସହ ସାତଭାୟାରେ ଗୋମଡକ ପରେ ବଞ୍ଚି ଯାଇଥିବା ଗୋବଂଶର ସୁରକ୍ଷା ପାଇଁ ସେଡ ନିର୍ମାଣ ସହିତ ପାନୀୟଜଳର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଆଜିଯାଏଁ କୌଣସି ସରକାରୀ ବ୍ୟବସ୍ଥା ସାତଭାୟାରେ ଗୋମାତାଙ୍କ ପାଇଁ କରାଯାଇନି। ଆଜି ଯଦି ବିପର୍ଯ୍ୟୟ ଆସେ, ଗୋମାତା ପୁଣି ବିପଦ ମୁହଁକୁ ଚାଲି ଆସିବେ ବୋଲି ସେ କହିଛନ୍ତି। ଏଥିସହ ଡେରା ପଞ୍ଚାୟତର ଚାଷୀସଭା ଘେରିର ୩୫୦ ଏକର ଜମିରେ ଗୋଅଭୟାରଣ୍ୟ କରାଯିବ। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ସହଯୋଗରେ ଏହି ଗୋଅଭୟାରଣ୍ୟ କରାଯିବ ବୋଲି ସେ କହିଛନ୍ତି। ଏହାବାଦ୍ ପେଣ୍ଠ ବେଳାଭୂମିରେ ଇକୋ ରିଟ୍ରିଟକୁ ସେ ବିରୋଧ କରିଛନ୍ତି। ଏଠାରେ ଇକୋ ରିଟ୍ରିଟ ନାଁରେ ଅଏସ କରାଯାଉଛି। ସାଧାରଣ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ କୌଣସି ଲାଭ ପାଉନାହାନ୍ତି। ଏଠାରେ ବ୍ୟାପକ ରାସାୟନିକ ଦ୍ରବ୍ୟ ପ୍ରୟୋଗ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁ ସମୁଦ୍ର ଉପକୂଳ ଓ ଜୀବଜନ୍ତୁ ପ୍ରଭାବିତ ହେଉଛନ୍ତି ବୋଲି ସେ କହିବା ସହ ଜଙ୍ଗଲ ବିଭାଗର ଜଙ୍ଗଲୀ ଶାସନ ଉପରେ ବର୍ଷିଛନ୍ତି। ତୁରନ୍ତ ରାଜନଗର ଡିଏଫ୍‌ଓଙ୍କୁ ଏଠାରୁ ବଦଳି କରିବାକୁ ସେ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ କୃଷକ ମୋର୍ଚ୍ଚାର ସଂଯୋଜକ ପବିତ୍ର ପରିଡ଼ା, ବୈକୁଣ୍ଠ ନାଥ ପରିଡ଼ା, ଏମ୍ଏସ୍ଏମ୍‌ଇର ରାଜ୍ୟ ଉପସଭାପତି ପ୍ରସନ୍ନ ପରିଡ଼ା, ବରିଷ୍ଠ ନେତା ନୀଳମଣି ସାହାଣୀ, ସଦାଶିବ ଜେନା, ଦିଲୀପ କୁମାର ପାଳ, ହେମନ୍ତ ପରିଡ଼ା, ରୋଜାଲିନ ମହାନ୍ତି, ଉମେଶ ଦାସ, ବିବେକାନନ୍ଦ ମହାରଣା, ପବିତ୍ର ବେହେରା, ମିନତୀ ସାମନ୍ତରାୟ, ଦୀପକ ମହାନ୍ତି ପ୍ରମୁଖ ଜଙ୍ଗଲ ବିଭାଗ ଉପରେ ବର୍ଷିଥିଲେ। ଏହି ପ୍ରତିନିଧି ଦଳ ସାତଭାୟା ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ପରେ ମୁହଁ ଖୋଲିଛନ୍ତି।

# ମରାମତିକୁ ମାସେ ନ ପୂରୁଣୁ ଉଠିଗଲାଣି ପିଚୁ

ନାଉଗାଁ,୧୧।୧୨ (ସୁଧା ବେହୁରା)

### ଶିଖରଘାଟ-ବାଲିଭଉଁରୀ ରାସ୍ତା

- ୨୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି
- ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ

ଜଗତ୍‌ସିଂହପୁର ଜିଲା ସଦର ମହକୁମାରୁ ନାଉଗାଁ ବ୍ଲକକୁ ସଂଯୋଗ କରୁଛି ଶିଖରଘାଟ-ବାଲିଭଉଁରୀ ରାସ୍ତା। ବ୍ଲକର ଏହା ମୁଖ୍ୟ ରାସ୍ତା ହୋଇଥିବାବେଳେ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ରାସ୍ତାଟି ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ଯୋଗୁ ଯାନବାହନ ଚଳାଚଳରେ ଅସୁବିଧା ହେଉଥିଲା। ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ବିଭାଗ ପକ୍ଷରୁ ମାସେ ତଳେ ରାସ୍ତାର ପାଳସାହିଠାରୁ ବାଲିଭଉଁରୀ ପର୍ଯ୍ୟନ୍ତ ମରାମତି କାର୍ଯ୍ୟ କରାଯାଇଛି। କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁସାରେ ମରାମତି କାର୍ଯ୍ୟରେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମରାମତି କାର୍ଯ୍ୟ ହେବାର ମାସେ ନ ପୂରୁଣୁ ରାସ୍ତାର ଅଧିକାଂଶ ସ୍ଥାନରୁ ପିଚୁ ଉଠି ଗଲାଣି। ନିମ୍ନମାନର କାର୍ଯ୍ୟ ଯୋଗୁ ପିଚୁ ଉଠିଥିବା ସ୍ଥାନୀୟ ଲୋକ ମତବ୍ୟକ୍ତ କରିଛନ୍ତି। ଏହି ରାସ୍ତାଦେଇ ପ୍ରତ୍ୟେହ ଜିଲା ସମେତ କଟକ, ପୁରୀ, କେନ୍ଦ୍ରାପଡା ଆଦି ଜିଲାର ବିଭିନ୍ନ ସ୍ଥାନରୁ ଯାତ୍ରୀବାହୀ ଯାନ ସମେତ ମାଲବାହି ଗାଡି ଯିବା ଆସିବା କରିଥାଏ। ଯାନବାହନ ଯାତାୟାତ କରିବା ଫଳରେ ଆଗକୁ ରାସ୍ତା ଅବସ୍ଥା ଅଧିକ ଖରାପ ହେବାର ଆଶଙ୍କା ରହିଛି। ତୁରନ୍ତ ଉକ୍ତ ରାସ୍ତା ମରାମତି କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏବିଷୟରେ ବିଭାଗର ଏସ୍‌ଡିଓ ଅଭିଜିତ ସେଠୀଙ୍କୁ ପଚାରିବାରେ ରାସ୍ତା ଅବସ୍ଥା ଦେଖିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ

# ଶିଆଳି ବେଳାଭୂମି : ୩ ବର୍ଷ ହେଲା ଶୌଚାଳୟରେ ତାଲା



ତାଲା ପଡ଼ିରହିଥିବା ଶୌଚାଳୟ।

### ପିକନିକ୍ ଋତୁରେ ଅସୁବିଧା ଭୋଗୁଛନ୍ତି ପର୍ଯ୍ୟଟକ

ଏରସମା, ୧୧।୧୨ (ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁରସ୍ଥିତ ଶିଆଳି ସମୁଦ୍ର ବେଳାଭୂମିରେ ଥିବା ଶୌଚାଳୟରେ ୩ ବର୍ଷ ହେବ ତାଲା ପଡିଛି। ଫଳରେ ସେଠାକୁ ଆସୁଥିବା ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଶିଆଳି ବେଳାଭୂମିର ମନୋରମ ପ୍ରାକୃତିକ ଶୋଭାକୁ ଦୃଷ୍ଟିରେ ରଖି ୨୦୧୬ ରେ ଏହି ସ୍ଥାନ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି ସେଠାରେ ସଭା ସମିତି କରିବା ପାଇଁ ଓଟିଡିସି ପକ୍ଷରୁ ଗୃହ ନିର୍ମାଣ କରାଯାଇଛି। ଏଥିସହ ପୁରୀ ବେଳାଭୂମି ଭଳି ସେଠାରେ ସମୁଦ୍ର ଅଗଭୀର ହୋଇଥିବାରୁ ସମୁଦ୍ର ସ୍ନାନ ଓ ବଣ ଭୋଜି କରିବା ପାଇଁ ଚଳିତ ପିକନିକ ଋତୁରେ ବହୁ ସଂଖ୍ୟାରେ ସ୍କୁଲ, କଲେଜ ଛାତ୍ରୀଛାତ୍ର ଆସୁଛନ୍ତି। ମାତ୍ର ପରିତାପର ବିଷୟ, ସେଠାରେ ପର୍ଯ୍ୟଟକଙ୍କ ପାଇଁ ନିର୍ମାଣ କରାଯାଇଥିବା ଶୌଚାଳୟ ସେମାନଙ୍କ କାମରେ ଲାଗୁନାହିଁ। ଏହାଦ୍ୱାରା କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର, ପୁରୀ, କେନ୍ଦ୍ରାପଡା, ଯାଜପୁର ଆଦି ଅଞ୍ଚଳରୁ ଛୁଟିରେ ଆସୁଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ମହିଳା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଶୌଚାଳୟ କାହା ସ୍ୱାର୍ଥରେ ନିର୍ମାଣ କରାଯାଇଥିଲା ବୋଲି ସାଧାରଣ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଶୌଚାଳୟ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି।

### ଏମାନେ କୁହନ୍ତି

ଶିଆଳିରେ ସର୍ବସାଧାରଣଙ୍କ ପାଇଁ ପ୍ରଶାସନ ପକ୍ଷରୁ ଶୌଚାଳୟ ନିର୍ମାଣ କରାଯାଇଛି। ମାତ୍ର ଦୀର୍ଘ ଦିନ ହେବ ତାହା ତାଲା ପଡ଼ି ରହିଛି। ଯଦି ତାହା ଦେୟ ଯୁକ୍ତ ତେବେ ନିର୍ଦ୍ଦିଷ୍ଟ କାଉଣ୍ଟର ଖୋଲାଯାଉ। ନଚେତ ବାଧ ହୋଇ ତାଲା ଭାଙ୍ଗି ସର୍ବସାଧାରଣ ବ୍ୟବହାର କରିବେ।

**-ପ୍ରଣତ ଗିରି, ସାମାଜିକ କର୍ମୀ**

ଶିଆଳିରେ ଥିବା ଶୌଚାଳୟର ଚାବି ଯାହା ପାଖରେ ଅଛି, ସେ ମନମୁଖି ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

**- ଭାସ୍କର ବେହେରା, ଯୁବନେତା**

ଏହି ଶୌଚାଳୟ ନିଲାମ ହୋଇ ନ ଥିବାରୁ ନିୟମିତ ଖୋଲା ହୋଇପାରୁନାହିଁ। ଖୁବ ଶୀଘ୍ର ତାହାକୁ ନିଲାମ କରିବା ଲାଗି ବ୍ୟବସ୍ଥା କରାଯିବ।

**-ସୁବାସ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ**

ଯେଉଁ ଲୋକଙ୍କୁ ଦାୟିତ୍ୱ ଦିଆଯାଇଛି, ତାର ପାରିଶ୍ରମିକ ବ୍ୟବସ୍ଥା କରାଯାଇନାହିଁ। ସେଥି ପାଇଁ ସମସ୍ୟା ହୋଇଛି।

**-ରାଜେନ୍ଦ୍ର ସାମନ୍ତ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି**

# ଜାନୁଆରୀ ୮ରୁ ୨ଦିନିଆ ଜିଲ୍ଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ

- ଉନ୍ମୋଚନ ହେଲା ଲୋଗୋ, ନିୟମାବଳୀ ଓ ନାମ
- ପ୍ରଦର୍ଶନୀରେ ୧୬୦ ଫ୍ରେମ ସ୍ଥାନ ପାଇବ
- ନୀଳମାଧବ ମନ୍ଦିରର ସ୍ୱତନ୍ତ୍ର ଡାକ ଲଫାପା ପାଇଁ ପ୍ରସ୍ତୁତି
- ଭାଗ ନେଇପାରିବେ ଜିଲାବାସୀ, ସ୍କୁଲର ଛାତ୍ରୀଛାତ୍ର



ଖବରଦାତା ସମ୍ମିଳନୀରେ ଡାକ ବିଭାଗ ଅଧିକାରୀମାନେ ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

ନୟାଗଡ଼,୧୧।୧୨ (ଲୋକନାଥ ମିଶ୍ର)

ଭାରତୀୟ ଡାକ ବିଭାଗର ନୟାଗଡ଼ ଡାକ ମଣ୍ଡଳ ପକ୍ଷରୁ ପ୍ରଥମ ଜିଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ଅଡିଟୋରିୟମ ପରିସରରେ ୨୦୨୫ ଜାନୁଆରୀ ୮ ଓ ୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଜିଲାସ୍ତରୀୟ ପ୍ରଦର୍ଶନୀ କଳହାଣ୍ଡିରେ ଉଦ୍‌ଯାପିତ ହୋଇ ଯାଇଥିବାବେଳେ ନୟାଗଡ଼ରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି। ଜିଲାର ଏହି ପ୍ରଦର୍ଶନୀରେ ୧୬୦ଟି ଫ୍ରେମ ସ୍ଥାନ ପାଇବ। ୧୬୦ଟି ଫ୍ରେମରୁ ୧୫୦ ଫ୍ରେମ କେବଳ ନୟାଗଡ଼ ଜିଲାବାସୀଙ୍କ ପାଇଁ ଉର୍ଦ୍ଦିଷ୍ଟ ଥିବାବେଳେ ୧୦ଟି ଫ୍ରେମ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟସ୍ତରର ଡାକଟିକେଟ ସଂଗାହକଙ୍କ ପାଇଁ ରହିଛି। ଜିଲାବାସୀଙ୍କ ପାଇଁ ଉର୍ଦ୍ଦିଷ୍ଟ ଫ୍ରେମ ବଳକା ରହିଲେ ଅନ୍ୟ ସଂଗ୍ରହକମାନଙ୍କୁ ସୁଯୋଗ ମିଳିବ। ତେବେ ନୟାଗଡ଼ ଜିଲାର ବାସିନ୍ଦା ଏହି ପ୍ରଦର୍ଶନୀରେ ଭାଗ ନେବାକୁ ଥିବାବେଳେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ପ୍ରଦର୍ଶନୀରେ ଯେଉଁମାନେ ପ୍ରକଳ୍ପ ରଖିବେ ସଂପୃକ୍ତ ପ୍ରକଳ୍ପ ଧାରୀ ନିଜର ପ୍ରସଙ୍ଗକୁ ଭିତ୍ତିକରି ଆବଶ୍ୟକୀୟ ତଥ୍ୟ ପ୍ରମାଣ ଲେଖିବାକୁ ପଡିବ। ପୁଣି ସେ ସମ୍ବନ୍ଧୀୟ ଡାକ ଟିକେଟକୁ ଫ୍ରେମ କରିବାକୁ ପଡିବ। ଗୋଟିଏ ଫ୍ରେମରେ ୧୬ଟି ସିଟ୍ ରହୁଛି। ଜଣେ ଛାତ୍ର କେବଳ ସର୍ବାଧିକ ୫ଟି ଫ୍ରେମ ନେଇ ପାରିବ। ତେବେ ଅନ୍ୟପକ୍ଷେ କଣ୍ଟିଲୋର ନୀଳମାଧବ ମନ୍ଦିର ଉପରେ ସ୍ୱତନ୍ତ୍ର ଡାକ ଲଫାପା ପ୍ରସ୍ତୁତି ପାଇଁ ପ୍ରୟାସ ଆରମ୍ଭ ହୋଇଛି। ସ୍ୱୀକୃତି ମିଳିଲେ ନୀଳମାଧବଙ୍କ ଉପରେ ୨ ହଜାର ଲଫାପା ଛପା ହେବାର ପ୍ରସ୍ତାବ ରହିଛି। ଖଣ୍ଡପଡା ତହସିଲଦାର, ନୀଳମାଧବଙ୍କ ଉପରେ ଗବେଷଣା କରୁଥିବା ଗବେଷକଙ୍କଠାରୁ ତଥ୍ୟ ଭିର୍ତ୍ତିକ ରିପୋର୍ଟ ସଂଗ୍ରହ କରାଯାଉଛି। ଯାହାକି ଲଫାପାରେ ଇଂରାଜୀ ଓ ହିନ୍ଦିରେ ସମ୍ୟକ ସୂଚନା ରହିବ।

ଏହି ଅବସରରେ ଡାକମଣ୍ଡଳ ପକ୍ଷରୁ ନୟାଗଡ଼ ମୁଖ୍ୟ ଡାକଘରେ ଏକ ଖବରଦାତା ସମ୍ମିଳନୀ ବୁଧବାର ଅନୁଷ୍ଠିତ କରାଯାଇ ଏଥିରେ ପ୍ରଦର୍ଶନୀର ନାମ ନୟାଗଡ଼ ପେକ୍ସ ୨୦୨୫, ପ୍ରତୀକ ଓ ନିୟମାବଳୀ ପୁସ୍ତିକା ଲୋକର୍ପଣ ହୋଇଛି। ଖବରଦାତା ସମ୍ମିଳନୀର ସୂଚନା ଅନୁଯାୟୀ, ଇଂରେଜ ଶାସନ ସମୟରେ ଓଡ଼ିଶାର ୨୬ଟି ଗଡଜାତରେ ଡାକଟିକେଟ ପ୍ରଚଳନ ହୋଇଥିଲା। ତତ୍କାଳୀନ ସମସ୍ତ ଗଡଜାତ ରାଜା ଡାକ ଟିକେଟ କରିଥିଲେ। ବାମରା ରାଜା ନିଜର ଡାକ ଟିକେଟ ସେ ସମୟରେ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ନୟାଗଡ଼, ରଣପୁର, ଖଣ୍ଡପଡ଼ା ରାଜା ଅନୁରୂପ ଭାବେ ଡାକ ଟିକେଟ ସେ ସମୟରେ ଛାପିଥିବାବେଳେ କେବଳ ନୟାଗଡ଼ ଓ ଖଣ୍ଡପଡ଼ା ରାଜାଙ୍କ ଡାକ ଟିକେଟର ତଥ୍ୟ ମିଳି ପାରିଛି। ନୟାଗଡ଼ ରାଜା କୃଷ୍ଣଚନ୍ଦ୍ର ସିଂ ମାନ୍ଧାତାଙ୍କ ସମୟରେ ୧୯୨୦ରୁ ୩୦ ମଧ୍ୟରେ ଡାକ ଟିକେଟ ପ୍ରସ୍ତୁତ ହୋଇଥିବା ଜଣାପଡିଛି। ଯଦିଓ ଡାକ ଟିକେଟ ମିଳିନି ତେବେ ଦୁଇ ରାଜାଙ୍କର ଡାକ ଟିକେଟର ଫଟୋ ସଂଗ୍ରହ କରାଯାଇଛି। ଅପରପକ୍ଷେ ପ୍ରଦର୍ଶନୀରେ ଆୟାରଲ୍ୟାଣ୍ଡ ଦୀପ ଓ ମହାଦୀପର ଡାକ ଟିକେଟ ସମେତ ଦେଶ ବିଦେଶର ସ୍ୱାଧୀନତା ପୂର୍ବ ଓ ପରର ଡାକ ଟିକେଟ ଦେଖିବାକୁ ମିଳିବ।

ଉକ୍ତ ଖବରଦାତା ସମ୍ମିଳନୀରେ ନୟାଗଡ଼ ଡାକମଣ୍ଡଳର ଡାକ ଅଧୀକ୍ଷକ ଖଗେଶ୍ୱର ମଲିକ, ଡାକ ଟିକେଟ ସଂଗ୍ରାହକ ଅଜିତ କୁମାର ରାଉତ, ଡାକମଣ୍ଡଳ ସହ ଅଧୀକ୍ଷକ ସପନ କୁମାର ପାଣିଗ୍ରାହୀ, ନୟାଗଡ଼ ଡାଘରର ପୋଷ୍ଟ ମାଷ୍ଟର ପ୍ରମୋଦ କୁମାର ସେଠୀ ଯୋଗ ଦେଇ ଖବରଦାତାଙ୍କ ବିଭନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ତେବେ ନୟାଗଡ ଡାକମଣ୍ଡଳର ଡାକ ଅଧୀକ୍ଷକ ଖଗେଶ୍ୱର ମଲିକଙ୍କ ସୂଚନା ଅନୁସାରେ ରାଜ୍ୟର ବିଭିନ୍ନ ଜିଲାରେ ଜିଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ ହୋଇ ଆସୁଥିବାବେଳେ ନୟାଗଡ ଏହାର ସୁଯୋଗ ପାଉ ନ ଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଡାକ ଟିକେଟ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଆୟୋଜିତ ଦିନ ଦିୟାଲ ସ୍ୱର୍ଣ୍ଣ ଯୋଜନା ଜିଲା ପାଇଁ ଗର୍ବ ଓ ଗୌରବ ଆଣିଥିଲା। ଏହି ଯୋଜନାରେ ୬ ହଜାର ଟଙ୍କା ସ୍କଲାରସିପ୍ ମିଳେ। ରାଜ୍ୟସ୍ତରରେ ସଂପୃକ୍ତ ପରୀକ୍ଷା ପାଇଁ ୧୫ ହଜାର ୩୨୦ ଜଣ ଆବେଦନକାରୀ ଥିବାବେଳେ ନୟାଗଡ଼ ଜିଲାରୁ ୩୨୬ ପରିକ୍ଷାର୍ଥୀ ଥିଲେ। ଏଥିରୁ ୨୯ଜଣ ପାସ କରିଥିଲେ ହେଁ ୧୫ଜଣ ସ୍କଲାରସିପ୍ ପାଇଥିଲେ। ତେବେ ରାଜ୍ୟସ୍ତରରେ ୪୦ ଜଣ ସ୍କଲାରସିପ୍ ପାଇଥିବାବେଳେ ନୟାଗଡ଼ ଜିଲାରୁ କେବଳ ୧୫ ଜଣ ସ୍କଲାରସିପ୍ ହାତେଇବା ଜିଲାର ଛାତ୍ରୀଛାତ୍ରଙ୍କ ଜ୍ଞାନ ପ୍ରଦର୍ଶିତ ହୋବର ସୁଗେ ମିଳିଥିଲା। ଫଳରେ ଜିଲାସ୍ତରୀୟ ଡାକଟିକେଟ ପ୍ରଦର୍ଶନୀ ନୟାଗଡ ଜିଲା ପାଇବା ସୁବିଧା ହୋଇ ପାରିଛି ବୋଲି କହିଛନ୍ତି। ଅପରପକ୍ଷେ ଡାକ ଟିକେଟ ପ୍ରଦର୍ଶନୀ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଓ ଲିଖନ ପ୍ରତିଯୋଗିତା କରାଯିବ ବୋଲି କହିଛନ୍ତି।

# ସେମି ଫାଇନାଲରେ ସମ୍ବଲପୁର କ୍ରିକେଟ୍ ଟିମ୍



ଅତିଥିମାନେ କୃତୀ ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରୁଛନ୍ତି।

## ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ୍

ନୟାଗଡ଼,୧୧।୧୨ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ନାଳିସାଗର ଷ୍ଟାଡିୟମରେ ୧୫ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଚାଲିଛି। ଏହାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍ଏମ୍‌ସିସି ସମ୍ବଲପୁର କ୍ରିକେଟ ଟିମ୍ ୭୫ ରନରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ କରିମ୍ ଏକାଡେମୀ ନାଗପୁର ଟସ୍ ଜିତି ସମ୍ବଲପୁର ଟିମ୍‌କୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା। ଏମ୍ଏମ୍‌ସିସି କ୍ରିକେଟ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୭୭ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ପ୍ରମୋଦ ଚାଣ୍ଡିଲା ୪୪ ବଲରେ ୫ ଚୌକା ଓ ୬ଟି ଛକା ସହାୟତାରେ ସର୍ବାଧିକ ୭୭ ରନ ସଂଗ୍ରହ କରିଥିଲେ। ଜବାବରେ ନାଗପୁର ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ କରି ୭୫ ରନରେ ପରାସ୍ତ ହୋଇଥିଲେ। ଦଳପକ୍ଷରୁ ପଞ୍ଜୁଲ ପୁରୀ ସର୍ବାଧିକ ୩୨ ରନ କରିଥିଲେ।

ମ୍ୟାଚରେ ବିଜୟୀ ଦଳର ୭୭ ରନ କରିଥିବା ପ୍ରମୋଦ ଚାଣ୍ଡିଲା ରୁପା ମୁଦ୍ରା ପୁରସ୍କୃତ ସହ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଓସିଏ ଅମ୍ପାୟାର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି। ସ୍କୋରର ଦାୟିତ୍ୱ ତୁଲାଇଥିଲ ପବିତ୍ର କୁମାର ଓ ଡିଜିଟାଲ ସ୍କୋର କରିଥିଲେ କିରଣ ମନୋହର ମହାନ୍ତି। ମ୍ୟାଚ ରେଫରି ଭାବେ ସୁଧୀ ରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ଭାବେ ବୁବୁ ସିହ୍ନା, ସରୋଜ କୁମାର ମହାପାତ୍ର ଓ ଜନ୍ମେଜୟ ଦଳେଇ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ମନୋରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗୁରୁବାର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ ଏ ଆଣ୍ଡ କଲିକତା ସହିତ ବାଲେଶ୍ୱର ଆଦର୍ଶ କ୍ଲବ ସହ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଫତେଗଡ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

# ନୀଳମାଧବଙ୍କ ପୀଠରେ ଗୀତା ଜୟନ୍ତୀ


ଗୀତା ଜୟନ୍ତୀ ଅବସରରେ ଆୟୋଜିତ ପୂଜାର୍ଚ୍ଚନା।

ଖଣ୍ଡପଡ଼ା,୧୧।୧୨
(ଅଜୟ କୁମାର ମହାରଣା)

ଆମର ପାରମ୍ପରିକ ହିନ୍ଦୁ ପଞ୍ଜିକା ଅନୁଯାୟୀ ମାର୍ଗଶୀର ଶୁକ୍ଳପକ୍ଷ ଏକାଦଶୀରେ ପାଳିତ ହୁଏ ଗୀତା ଜୟନ୍ତୀ। ଏହି ଅବସରରେ ବୁଧବାର ମାର୍ଗଶୀର ଏକାଦଶୀ ତିଥିରେ କଣ୍ଟିଲୋ ନୀଳମାଧବ ପୀଠ ଭୋଗ ମଣ୍ଡପଠାରେ ପୂଜକ ସମାଜ ପକ୍ଷରୁ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହମଙ୍କୁ ଭୋଗମଣ୍ଡପକୁ ବିଜେ କରାଯାଇଥିଲା। ବିଶ୍ୱ କଲ୍ୟାଣ ନିମନ୍ତେ ସମ୍ପନ୍ନ ହେଉଥିବା ଏହି ଉତ୍ସବରେ ଗୀତାଯଜ୍ଞ ଓ ଘୃତଯଜ୍ଞ କରାଯାଇ ଅପରାହ୍ନ ପ୍ରାୟ ସାଢେ ୪ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। କର୍ତ୍ତା ଭାବେ ପବିତ୍ର କୁମାର କର, ବୈଦିକ ପୁରୋହିତ ପ୍ରଦୀପ୍ତ କୁମାର କର, ଆଚାର୍ଯ୍ୟ ପ୍ରସନ୍ନ କୁମାର ମିଶ୍ର, ଚରୁ ଭାବେ ରବିନ୍ଦ୍ର ନାଥ ମିଶ୍ର. ଶ୍ରୀକାନ୍ତ ମିଶ୍ର, ରାସେଶ୍ୱର ମିଶ୍ର, ଶ୍ରବଣ ରାମ ମିଶ୍ର, ନୀଳମାଧବ ମିଶ୍ର ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ସୂଚନାଯୋଗ୍ୟ, ପ୍ରାୟ ୫୧୫୫ ବର୍ଷ ତଳେ କୁରୁକ୍ଷେତ୍ର ଯୁଦ୍ଧ ବେଳେ ଆଜିର ଦିନରେ ଭଗବାନ୍ ଶ୍ରୀକୃଷ୍ଣ, ସଖା ଅର୍ଜୁନଙ୍କୁ ଗୀତା ଶୁଣାଇଥିବା ବିଶ୍ୱାସ କରାଯାଏ। ଗୀତା ହେଉଛି ଭଗବାନଙ୍କ ମୁଖ ନିଃସୃତ ଓ ଏହା ପୃଥିବୀର ସର୍ବଶ୍ରେଷ୍ଠ ଧର୍ମଗ୍ରନ୍ଥ, ଯାହାକୁ ଅନ୍ୟ ଧର୍ମାବଲମ୍ବୀମାନେ ମଧ ଶ୍ରଦ୍ଧାର ସହିତ ପାଠ କରିଥାଆନ୍ତି। ଏହି ତତ୍ତ୍ୱପୂର୍ଣ୍ଣ ଗ୍ରନ୍ଥରେ ଯାହା କୁହା ଯାଇଛି, ତାହାକୁ ଗ୍ରହଣ କରି ମନୁଷ୍ୟ ଜୀବନ ସାର୍ଥକ ହୋଇଥାଏ।

# ବ୍ଲକ କାର୍ଯ୍ୟାଳୟ ସୁରକ୍ଷା ପ୍ରତି ଅଣଦେଖା

ନୂଆଗାଁ,୧୧।୧୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ଅନାବନା ଗଛ ସାଙ୍ଗକୁ ଲତା ମାଡି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। କାର୍ଯ୍ୟାଳୟ ଛାତରେ ଅନାବନା ଗଛ ଉଠି ଛାତ ନଷ୍ଟ କରିବାକୁ ବସିଥିବା ବେଳେ କାର୍ଯ୍ୟାଳୟର ସୁରକ୍ଷା ଚିନ୍ତା କୌଣସି ଅଧିକାରୀ କରୁ ନ ଥିବା ଅଭିଯୋଗ ହେଉଛି।

ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇ ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା , ସରକାରୀ ଅନୁଦାନକୁ ଠିକ୍ ମାର୍ଗରେ ବିନିଯୋଗ କରିବା ସହ ଜନସ୍ୱାର୍ଥ ପାଇଁ ଉର୍ଦ୍ଦିଷ୍ଟ ସରକାରୀ ସମ୍ପତ୍ତିର ସୁରକ୍ଷା କରିବା ପାଇଁ ସରକାରୀ ଅଧିକାରୀ ତଥା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏହ ସବୁ କାର୍ଯ୍ୟ କରିବା ପାଇଁ ଅଧିକାରୀ , କର୍ମଚାରୀମାନଙ୍କୁ ମାସିକ ବେତନ ମଧ୍ୟ ଦିଆଯାଉଛି। କିନ୍ତୁ କର୍ମଚାରୀ ଓ ଅଧିକାରୀମାନେ ସରକାରୀ ସମ୍ପତ୍ତିର ସୁରକ୍ଷା ପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଅନେକ ଅନାବନା ଗଛ ରହିଛି। କାର୍ଯ୍ୟରେ ଲାଗୁ ନ ଥିବା ଅନେକ ଭଙ୍ଗା ଦଦରା ପରିତ୍ୟକ୍ତ କ୍ୱାର୍ଟର୍ସ ମଧ୍ୟ ରହିଛି। ଏପରିକି କାର୍ଯ୍ୟାଳୟ ପରିସରରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଏକ ପରିତ୍ୟକ୍ତ କୋଠାକୁ ଭାଙ୍ଗିବା ପାଇଁ ଦୀର୍ଘ ୫ ବର୍ଷ ପୂର୍ବେ ସମିତି ବୈଠକରେ ରେଜୁଲେଶନ କରି ବାରମ୍ବାର ଆଲୋଚନା ହେଉଥିଲେ ମଧ୍ୟ ତାହାକୁ ଭଙ୍ଗା ଯାଉ ନାହିଁ। ରକ୍ଷଣାବେକ୍ଷଣ ଅଭାବ ଓ ଦାୟିତ୍ୱ ନିଆଯାଉ ନ ଥିବାରୁ କାର୍ଯ୍ୟାଳୟ ପରିସରରେ ଥିବା ଗୃହଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯାଉଥିବା ଅଭିଯୋଗ ହେଉଛି। ବ୍ଲକ ପରିସରରେ ଥିବା ପଞ୍ଚାୟତ ସମିତି ସଭା ଗୃହ ଛାତରେ ଅନେକ ଅନାବନା ଗଛ ଉଠି ଦିନକୁ ଦିନ ବଢିବାକୁ ଲାଗିଛି। ଯାହାକି ଛାତ ଓ ଘରର କାନ୍ଥରେ ଚେର ଯାଇ ନଷ୍ଟ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିପ୍ରତି କୌଣସି ଅଧିକାରୀ ଦୃଷ୍ଟି ଦେଉ ନାହାନ୍ତି। ଏ ବାବଦରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରେ ମୁଁ ତ ଏଠାରେ ଅଳ୍ପ କିଛି ଦିନ ହେଲା ଯୋଗ ଦେଇଛି। ସେଥିପ୍ରତି ଦୃଷ୍ଟି ନାହିଁ। ତେବେ ନିଜେ ଦେଖିବା ସହ ସଫା କରିବା ପାଇଁ ଯନ୍ତ୍ରୀଙ୍କୁ କହିବି ବୋଲି କହିଛନ୍ତି।


କାର୍ଯ୍ୟାଳୟ ଛାତ ଓ କାନ୍ଥରେ ଗଛ ଉଠିଛି।

# ମଦ ଜବତ, ୨ ଗିରଫ

ଦଶପଲ୍ଲା,୧୧।୧୨
(ପ୍ରକାଶ କୁମାର ପାଣି)

ବୁଧବାର ଦଶପଲ୍ଲା ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇ ୧୩ ଲିଟର ଦେଶୀ ଏବଂ ୭ ଲିଟର ୨ଶହ ଗ୍ରାମ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସନ୍ତୋଷ ପୃଷ୍ଟି ଏବଂ ରଣଜିତ ନାୟକ। ଏମାନେ ମଦ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା। ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରା କହିଛନ୍ତି।

# ଆଜି ମାଣବସା ଶେଷ ଗୁରୁବାର ଓଷା

ଖଣ୍ଡପଡ଼ା,୧୧।୧୨
(ଅଜୟ କୁମାର ମହାରଣା)

ଓଡିଆମାନଙ୍କ ସୁଖ ଏବଂ ସମୃଦ୍ଧି ପାଇଁ ମା'ଲକ୍ଷ୍ମୀଙ୍କୁ ମାର୍ଗଶୀର ମାସର ପ୍ରତି ଗୁରୁବାର ଆରାଧନା କରାଯାଇଥାଏ। ୧୨ ତାରିଖ ମାର୍ଗଶୀର ମାସର ଶେଷ ଗୁରୁବାର। ହିନ୍ଦୁ ଘରେ ଧନଦାତ୍ରୀ ଭାବେ ପରିଚିତ ମା'ଲକ୍ଷ୍ମୀଙ୍କ ପୂଜା ପାଇଁ ବୁଧବାରଠାରୁ ଓଡିଆ ଘରର ଗୃହିଣୀ ଓ ଝିଅମାନେ ଘର ସଫା କରିବା ସହିତ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘର ଓ ବାହାରେ ଝୋଟି ପକାଇବା କାମରେ ଲାଗିଛନ୍ତି। ବିଶେଷକରି ବୁଧବାର କଣ୍ଟିଲୋ, ଖଣ୍ଡପଡା ଅଞ୍ଚଳର ଗୃହିଣୀ ତଥା ବୟସ୍କ ବ୍ୟକ୍ତିମାନେ ନଦୀ ଓ ପୁଷ୍କରିଣୀରେ ମା'ଲକ୍ଷ୍ମୀଙ୍କ ଖରୁଲି ଓ ମାଣ ପେଡିକୁ ନେଇ ସଫା କରିବା ପରେ ଘରେ ଗୋବର ପାଣି ପକାଇ ଲିପାପୋଛା କରିଥିଲେ। ଝିଅ ବୋହୁମାନେ ଘର କାନ୍ଥ, କବାଟ, ଅଗଣା, ପିଣ୍ଡା, ଚଉରା ମୂଳରେ ଅରୁଆ ଚାଉଳର ବଟା ଦ୍ୱାରା ଓଲଟ ଶୁଆ, ଧାନ ଶିଷା ଓ ଲକ୍ଷ୍ମୀ ପାଦର ଚିତା ପକାଉଥିବା ଦେଖିବାକୁ ମିଳିଥିଲା। ଏହା ଦ୍ୱାରା ଓଡିଆଣୀଙ୍କ କଳା ନୈପୁଣ୍ୟର ପ୍ରତିଫଳନ ହେଉଥିବା ବେଳେ ଏହା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ବିଶେଷକରି କଣ୍ଟିଲୋ, ବାଣପୁର, ସିଧାମୂଳା ଆଦି ମହାନଦୀ କୂଳବର୍ତ୍ତୀ ଗ୍ରାମର ମହିଳା ଓ ପୁରୁଷମାନେ ଅପରାହ୍ନରେ ମହାନଦୀର ବାଲିପଠାକୁ ନୌକା ଓ ମୋଟର ଲଞ୍ଚରେ ପାରି ହୋଇ ମାଣ ପେଡି ଓ ଖରୁଲି ସଫା କରୁଥିବା ଦୃଶ୍ୟ ଅତୀବ ମନୋରମ ଥିଲା। ଏହାଛଡା ଏହି ପୂଜାରେ ଆବଶ୍ୟକ ଥିବା ଆଖୁ, ହରିଡା, ଶୋରିଷ ଫୁଲ, କଣ୍ଟେଇ କୋଳି ଡାଳ, ଧାନ ମେଣ୍ଟା ଆଦି ବିଭିନ୍ନ ପ୍ରକାର ସାମଗ୍ରୀ ପାଇଁ ବଜାରରେ ଭିଡ଼ ଜମିଥିଲା।


ମହାନଦୀ ପଠାରେ ମହିଳାମାନେ ମାଣ ପେଡି,ଖରୁଲି ଆଦି ସଫା କରୁଛନ୍ତି।

# ବିଶ୍ୱ ମାନବ ଅଧିକାର ଦିବସ ପାଳିତ

ଦଶପଲ୍ଲା,୧୧।୧୨ (ପ୍ରକାଶ କୁମାର ପାଣି)

ଦଶପଲ୍ଲାର ଇଲେଭେନ ଷ୍ଟାର ସମ୍ମିଳନୀ କକ୍ଷରେ ପଲ୍ଲୀ ବିକାଶ ସମିତି ଆନୁକୂଲ୍ୟରେ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଯାଇଅଛି। ଏଥିରେ ପଲ୍ଲୀ ବିକାଶ ସମିତିର ସଭାପତି ପ୍ରାଣକୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ,ସମ୍ମାନୀତ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଇଂ.ପୁନମ ପ୍ରୀୟଦର୍ଶନୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ବେହେରା ଉପସ୍ଥିତ ରହି ମାନବ ଅଧିକାର ଆଇନ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହିତ ବିଶ୍ୱ ମାନବ ଅଧିକାର ଆଇନ ଉପରେ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ରବିନ୍ଦ୍ର କୁମାର ମିଶ୍ର, ସରପଞ୍ଚ ସଞ୍ଜୟ କୁମାର ପଟ୍ଟନାୟକ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ଏବଂ ଉକ୍ତ ଅନୁଷ୍ଠାନର ପୂର୍ବତନ ସମ୍ପାଦକ ନାରାୟଣ ସାହୁ ଉପସ୍ଥିତ ଥିଲେ।



ରଣପୁର ବ୍ଲକରେ ଚାଲିଥିବା ରାଜସୁନାଖଳା ମହୋତ୍ସବ କାର୍ଣ୍ଣିଭାଲର ୪ର୍ଥ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଅଭିଯୋଗ ପରେ ବି ଅନୁକମ୍ପା

## ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ସୁରକ୍ଷା ଦେଉଛନ୍ତି ଅଧିକାରୀ

ନୂଆଗାଁ,୧୧।୧୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗରେ ଜଣେ କର୍ମଚାରୀ କ୍ଷେତ ପୋଖରୀ ଖୋଳିବା , ଚାରା ରୋପଣ କରିବା ଆଦି କାମରେ ଅନେକ ଅନିୟମିତତା କରୁଛନ୍ତି। ଏପରି କି ପିସି ନ ଦେଲେ ବିଲ କରାଯିବ ନାହିଁ ବୋଲି କହୁଥିବା ଅଭିଯୋଗ ହେବା ପରେ ଉକ୍ତ କର୍ମଚାରୀଙ୍କୁ ନୂଆଗାଁ ବ୍ଲକରୁ ବଦଳି କରି ଦେବା ପାଇଁ ଜିଲା ଜଳ ବିଭାଜିକା ଅଧିକାରୀ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୀର୍ଘ ମାସ ବିତିବା ସହ କର୍ମଚାରୀ ଜଣକ ପୁନର୍ବାର ଅନିୟମିତତା କରି ଚାଲିଥିଲେ ମଧ୍ୟ ତାଙ୍କୁ ବଦଳି କରିବା ପରିବର୍ତ୍ତେ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହେଉଛି।

ଜଳ ବିଭାଜିକା ବିଭାଗର ଜଣେ କର୍ମଚାରୀ ୩୦ ହଜାର ଟଙ୍କା ନ ଦେଲେ କ୍ଷେତ ପୋଖରୀ ବିଲ କରୁ ନ ଥିବା ନେଇ ଜଣେ ହିତାଧିକାରୀ ପିଡିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ସତ ହୋଇଥିବ, କାରଣ ସମ୍ପୃକ୍ତ କର୍ମଚାରୀଙ୍କ ନାମରେ ଅନେକ ଅଭିଯୋଗ ଆସୁଛି। ତେଣୁ ତାଙ୍କୁ ତୁରନ୍ତ ବଦଳି କରାଯିବ ବୋଲି ଜଳ ବିଭାଜିକା ପିଡି ଉପେନ୍ଦ୍ର ପରିଡ଼ା କହିଥିଲେ। ଗତ ସେପ୍ଟେମ୍ବର ୧୮ ତାରିଖରେ ନୂଆଗାଁ ବ୍ଲକରେ ଅନୁଷ୍ଠିତ ହୋଇଥିବା ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିରରେ କାଜୁ ଗଛ ନ ଥାଇ ବିଲ ହୋଇଥିବା ସଂକ୍ରାନ୍ତରେ ଅଭିଯୋଗ ହେବାରେ ଘଟଣା ସତ ହୋଇଥିବା ବୋଲି ଜଳ ବିଭାଜିକା ଯନ୍ତ୍ରୀ ହରପ୍ରସାଦ ରଥ କ୍ଷୋଭର ସହ ସ୍ୱୀକାର କରିବା ସହ କାହାରି ନାମ ନ ନେଇ ସେହି ଜଣେ କର୍ମଚାରୀଙ୍କ ପାଇଁ ଆମେ ବଦନାମ ହେଉଛୁ। ତେଣୁ ତାଙ୍କୁ ଆମେ ପରିବର୍ତ୍ତନ କରିଦେବୁ। ଯାହା ଭୁଲ ହୋଇଛି ସଂଶୋଧନ କରିବୁ ବୋଲି କହିଥିଲେ। କିନ୍ତୁ ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ କର୍ମଚାରୀଙ୍କୁ ବଦଳି କରିବା ପରିବର୍ତ୍ତେ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ହେଉଛି।

ଏ ବାବଦରେ ମତାମତ ପାଇଁ ଜଳ ବିଭାଜକା ପ୍ରକଳ୍ପ ନିର୍ଦ୍ଦେଶକ ପରିଡ଼ାଙ୍କୁ ଫୋନ କରାଯାଇଥିଲା। ହେଲେ ସେ ଫୋନ୍ ନ ଉଠାଇବାରୁ ଯନ୍ତ୍ରୀ ରଥଙ୍କୁ ଯୋଗଯୋଗ କରାଯାଇଥିଲା। ସେ କହିଛନ୍ତି, ଆଉ କିଛି ମାସ ପରେ ନୂତନ କର୍ମଚାରୀ ନିୟୋଜିତ ହେବେ। ସେହି ସମୟରେ ସମ୍ପୃକ୍ତ କର୍ମଚାରୀଙ୍କ ବଦଳି କରାଯିବ। ଯେଉଁ କର୍ମଚାରୀ ଅନିୟମିତତା କରି ଅର୍ଥ ଆତ୍ମସାତ୍ କରିଛନ୍ତି ସେ ଅର୍ଥ ସେମାନେ ନିଜେ ଫେରସ୍ତ କରିବେ। ଏ ନେଇ ମୁଁ ଚିଠି କରିଛି ବୋଲି ସେ କହିଛନ୍ତି।



ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ।

# ଜରାଜୀର୍ଣ୍ଣ ଅବସ୍ଥାରେ ସିଦ୍ଧେଶ୍ୱର ପୀଠ





ଦଶରଥପୁର,୧୧।୧୨
(ସୁଶାନ୍ତ କୁମାର ବେହୁରିଆ)

କାହିଁ କେତେ କାଳରୁ ହିନ୍ଦୁ ଧର୍ମାବଲମ୍ବୀଙ୍କ ପାଇଁ ଏକ ପ୍ରମୁଖ ଆସ୍ଥାର କେନ୍ଦ୍ର ପାଲଟିଥିବା ଯାଜପୁର ଜିଲା ଦଶରଥପୁର ବ୍ଲକ ତଳିହା ପଞ୍ଚାୟତର ସିଦ୍ଧେଶ୍ୱର ପୀଠ ଏବେ ଜରାଜୀର୍ଣ୍ଣ ପାଲଟିଛି। ବୈତରଣୀ ନଦୀ ଏଠାରେ ଉତ୍ତର ମୁଖୀ ହୋଇଥିବାବେଳେ ନଦୀର ଡାହାଣ ପାର୍ଶ୍ୱରେ ସିଦ୍ଧେଶ୍ୱରଙ୍କ ମନ୍ଦିର। ରାଜା ଯଯାତି କେଶରୀଙ୍କ ରାଜତ୍ୱ ସମୟରେ ଏହି ମନ୍ଦିର ନିର୍ମିତ ହୋଇଥିବା ଲୋକକଥାରୁ ଶୁଣାଯାଏ। ଦେଶ ତଥା ଦେଶ ବାହାରୁ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ପିତୃପୁରୁଷଙ୍କ ଅସ୍ଥି ବିଷର୍ଜନ ଓ ପିଣ୍ଡଦାନ ନିମନ୍ତେ ଏହି ପୀଠକୁ ଆସିଥାନ୍ତି। ପୀଠରେ ବାବା ସିଦ୍ଧନାଥ ମୁଖ୍ୟ ଆରାଧ୍ୟ ହୋଇଥିବାବେଳେ ତାଙ୍କ ସହିତ ଭଗବାନ୍ ବିଷ୍ଣୁ ମଧ୍ୟ ଏକାଠି ପୂଜା ପାଇଥାନ୍ତି। ତେଣୁ କେହିକେହି ଏହାକୁ ହରିହର ପୀଠ ମଧ୍ୟ କହିଥାନ୍ତି। ସିଦ୍ଧେଶ୍ୱରଙ୍କ ବ୍ୟାତୀତ ଏଠାରେ ଅସ୍ଥିଶ୍ୱର ଓ ଶ୍ମଶାନେଶ୍ୱର ମଧ୍ୟ ପୂଜା ପାଇଥାନ୍ତି।

ସାତ ଥର ପୁରୀ ଗଲେ ଯାହା ପୁଣ୍ୟ ଅର୍ଜନ ହେବ ମାତ୍ର ଥରେ ରସିକାକଡ଼ି(ସିଦ୍ଧେଶ୍ୱର) ଗଲେ ସେତିକି ପୁଣ୍ୟ ଅର୍ଜନ ହେବ ବୋଲି ଲୋକକଥା ରହିଛି। ମାତ୍ର ପୀଠରେ ଆବଶ୍ୟକ ଭିତ୍ତିଭୂମି ଅଭାବ ଯୋଗୁ ଶ୍ରଦ୍ଧାଳୁମାନେ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ମନ୍ଦିରର ଚତୁପାର୍ଶ୍ୱ ପାଚେରି ଭାଙ୍ଗି ଭୁଶୁଡିବାରେ ଲାଗିଛି। ମନ୍ଦିରର ବିଭିନ୍ନ ସ୍ଥାନରେ ପ୍ଲାଷ୍ଟର ଖସିବା ସହିତ ଫାଟ ସୃଷ୍ଟି ହୋଇଛି। ବର୍ଷା ଋତୁରେ ବନ୍ୟା ଜଳ ନିଷ୍କାସନ ନ ହୋଇ ମନ୍ଦିରରେ ଜମିରହେ। ଏହାବ୍ୟତୀତ ମନ୍ଦିର ଚତୁଃପାର୍ଶ୍ୱରେ ସୁରକ୍ଷା ପାଚେରି ବ୍ୟବସ୍ଥା ନ ଥିବା ଯୋଗୁ ଏହା ବୁଲା ଗୋରୁଙ୍କ ପାଇଁ ଚରାଭୂମି ପାଲଟିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ରହିବା କିମ୍ବା ବିଶ୍ରାମ ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥାନାହିଁ।

**■ ଶ୍ରଦ୍ଧାଳୁଙ୍କ ପାଇଁ ନାହିଁ ସ୍ଥାୟୀ ଆଶ୍ରୟସ୍ଥଳ**

**■ କାର୍ଯ୍ୟରେ ଆସୁନାହିଁ ଶୌଚାଳୟ**

ପୂର୍ତ୍ତ ବିଭାଗ ପକ୍ଷରୁ ୨୦୨୩-୨୪ରେ ମନ୍ଦିର, ପାଚେରି ମରାମତି, ରୋଶଘର ଓ ଶୌଚାଳୟ ନିମନ୍ତେ ୧ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। ମାତ୍ର ନିର୍ମାଣ ସମାପ୍ତ ପରେ ମଧ୍ୟ ଶୌଚାଳୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଶୌଚାଳୟରେ ପାଣି ଓ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ ବୋଲି ସେବାୟତମାନେ ଅଭିଯୋଗ କରିଛନ୍ତି। ସେହିପରି ପିଇବା ପାଣିର ମଧ୍ୟ ଏଠାରେ କୌଣସି ସ୍ଥାୟୀ ବ୍ୟବସ୍ଥାନାହିଁ। ଫଳରେ ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରକଳ୍ପ ନିମନ୍ତେ ଆସିଥିବା ଅନୁଦାନରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଦଶରଥପୁର ତହସିଲଦାରଙ୍କୁ ହସ୍ତାନ୍ତର କରାଯାଇଛି। ତହସିଲଦାର ବିକ୍ରମ କେଶରୀ ପରିଡ଼ାଙ୍କୁ ଶୌଚାଳୟ ଓ ପାନୀୟ ଜଳ ସମସ୍ୟା ସମ୍ପର୍କରେ ପଚରାଯାଇଥିବାବେଳେ ସେ ଏ ସମ୍ପର୍କରେ ଅବଗତ ଅଛନ୍ତି ଓ ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଛନ୍ତି। ତେବେ ବୈତରଣୀ ନଦୀ ସ୍ରୋତରୁ ମନ୍ଦିରର ସୁରକ୍ଷା ପାଇଁ ପଥର ପ୍ୟାକିଂ, ମନ୍ଦିର ଚତୁପାର୍ଶ୍ୱରେ ସୁରକ୍ଷା ପାଚେରି, ଅସ୍ଥି ବିଷର୍ଜନ ନିମନ୍ତେ ପିଣ୍ଡି, ଶ୍ରଦ୍ଧାଳୁଙ୍କ ପାଇଁ ପାନ୍ଥଶାଳା ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା କରିବାକୁ ଜନସାଧାରଣଙ୍କ ପକ୍ଷରୁ ଯାଜପୁର ଜିଲପାଳଙ୍କ ନିକଟରେ ଦାବି ହୋଇଛି।

# ବାଘୁଣୀ ଧରିବାକୁ ବନ୍ଧାହେଲା ମଇଁଷି

ବାରିପଦା,୧୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ସୀମା ପାର୍ ହୋଇ ଝାଡ଼ଖଣ୍ଡ ଜଙ୍ଗଲରେ ଚଳପ୍ରଚଳ କରୁଛି ବାଘୁଣୀ ଜିନ୍ନତ। ଶିମିଳିପାଳକୁ ଫେରିବା ନେଇ ତା'ର ଗତିବିଧି ଉପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ୪ ଜଣିଆ ଟିମ୍ ନଜର ରଖିଛନ୍ତି। ଜିନ୍ନତ ଶିମିଳିପାଳ ଅଭୟାରଣ୍ୟଠାରୁ ୩୫ କି.ମି. ଦୂର ଝାଡ଼ଖଣ୍ଡ ରାଜ୍ୟର ଏକ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲରେ ଘୂରି ବୁଲୁଛି। ଜଙ୍ଗଲରେ ଖାଦ୍ୟର ଅଭାବ ରହିଥିବାରୁ ସେ ପୁଣି ଶିମିଳିପାଳକୁ ଫେରିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର କୋର୍ ଅଞ୍ଚଳରେ ବାଘୁଣୀ ଜିନ୍ନତକୁ ବନ ବିଭାଗ ନଭେମ୍ବର ୨୪ରେ ଛାଡ଼ିଥିଲା। ଗତ ରବିବାର ରାତିରେ ବାଘୁଣୀ ଓଡ଼ିଶା ସୀମା ପାର୍ ହୋଇ ଏବେ ଝାଡ଼ଖଣ୍ଡ ରାଜ୍ୟ ଚାକୁଳିଆ ବନାଞ୍ଚଳ ମୋରବେଡ଼ା ଜଙ୍ଗଲରେ ଘୂରି ବୁଲୁଛି। ୪ ଦିନ ହେଲା ସେଠାକାର ଗ୍ରାମ୍ୟ ଜଙ୍ଗଲରେ ବୁଲୁଥିବାରୁ ବନ କର୍ମଚାରୀମାନେ ତା' ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷରେ ବାଘୁଣୀ ନିଜ ଇଚ୍ଛାରେ ଶିମିଳିପାଳକୁ ଫେରିଲେ କୌଣସି ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯିବ ନାହିଁ। ତେବେ ଜିନ୍ନତକୁ ଧରିବା ପାଇଁ ୩ଟି ମଇଁଷିକୁ ନେଇ ଝାଡ଼ଖଣ୍ଡ ଜଙ୍ଗଲରେ ବନ୍ଧାଯାଇଛି। ଖାଦ୍ୟ ଅନ୍ୱେଷଣରେ ସେ ମଇଁଷି ନିକଟକୁ ଆସିଲେ ତାକୁ ତୁରନ୍ତ କାବୁ କରିବା ପାଇଁ ଟିମ୍ ପ୍ରସ୍ତୁତ ରହିଛି। ଏ ନେଇ ଝାଡ଼ଖଣ୍ଡ ରାଜ୍ୟ ଚାକୁଳିଆ ଦାୟିତ୍ୱରେ ଥିବା ବନକ୍ଷେତ୍ର ଅଧିକାରୀ ଦିଗ୍‌ବିଜୟ ସିଂ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ତେବେ ରେସ୍‌କ୍ୟୁ ଭ୍ୟାନ୍ ସହ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଜଗି ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# ଗଳିପୋଲ, ଫ୍ଲାଏଓଭର ବ୍ରିଜ ପାଇଁ ରେଳମନ୍ତ୍ରୀଙ୍କୁ ଅଭିନନ୍ଦନ

ଯାଜପୁରରୋଡ୍,୧୧।୧୨(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ନାଗରିକ କମିଟି ସଦସ୍ୟ ଖୋର୍ଦ୍ଧା ରୋଡ୍ ରେଳଡିଭିଜନର ବରିଷ୍ଠ ଡେପୁଟି ଫାଇନାନ୍ସ ମ୍ୟାନେଜର ହିମାଦ୍ରି ଭୂଷଣ ବିଶ୍ୱାଳଙ୍କୁ ସ୍ଥାନୀୟ ଜେକେ ରୋଡ ରେଳବାଇ ଷ୍ଟେସନ ମାଷ୍ଟର କାର୍ଯ୍ୟାଳୟରେ ମଙ୍ଗଳବାର ଭେଟିଛନ୍ତି। ଏହି ସୌଜନ୍ୟ ମୂଳକ ସାକ୍ଷାତ ସମୟରେ ରେଲୱେ ତରଫରୁ ଡାକବଙ୍ଗଳା ଗଳିପୋଲ ଓ ଚୂନଭାଟି ପାଖ ଫ୍ଲାଏଓଭରବ୍ରିଜ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବାରୁ ନାଗରିକ କମିଟି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅଭିନନ୍ଦନ ଜ୍ଞାପନ କରିଛି। ଏହି ସାକ୍ଷାତକାରରେ ନାଗରିକ କମିଟି ତରଫରୁ ସଭାପତି ଡ. ହେମନ୍ତ କିଶୋର ସାହୁ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ଉପଦେଷ୍ଟା ଡ. ଦୁଷ୍ମନ୍ତ କୁମାର ନାୟକ, ହୃଦାନନ୍ଦ ସାମଲ, ପ୍ରଫୁଲ୍ଲ ନାୟକ, ସଦାଶିବ ଦାଶ, ହୃଷୀକେଶ ସାହୁ, ଡ. ପ୍ରମୋଦ ଶତପଥୀ, ଚନ୍ଦ୍ରମଣି ସାମଲ, ରାଜେନ୍ଦ୍ର ବିଶ୍ୱାଳ, ନିରଞ୍ଜନ ଘଡ଼େଇ, ରଘୁନାଥ ବେହେରା, ଦାମୋଦର ପଣ୍ଡା, ହେମନ୍ତ କୁମାର ଧୀର ଓ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତଥିଲେ।

# ସୁରକ୍ଷା କର୍ମୀଙ୍କ ଉପରେ ମାଡ଼ିଗଲା ଗାଡ଼ି

ଚଣ୍ଡିଖୋଲ,୧୧।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ୮ ଲେନ ନିର୍ମାଣ କାର୍ଯ୍ୟ ଚାଲୁଛି। ଏହି କାର୍ଯ୍ୟରେ ନିୟୋଜିତ ଥିବା ଅଗ୍ରୱାଲ ଇନ୍‌ଫ୍ରା ଷ୍ଟ୍ରକଚର ଠିକା ସଂସ୍ଥାର ଜଣେ ସୁରକ୍ଷା କର୍ମୀଙ୍କ ଉପରେ ମଙ୍ଗଳବାର ରାତିରେ ଗ୍ରେଡର ମେସିନ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଲେ ବିହାର ରାଜ୍ୟ ବେଗୁସରାଇ ଜିଲା ରଘୁନନ୍ଦନପୁର ଗ୍ରାମର ମନୋଜ କୁମାର(୩୩)।

ସୂଚନା ଅନୁଯାୟୀ, ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭାକୁଡ ଛକ ନିକଟରେ କାର୍ଯ୍ୟ ଚାଲୁଥିବାବେଳେ ଗ୍ରେଡର ମେସିନ ପଛପଟେ ମନୋଜ ଠିଆ ହୋଇଥିଲେ। ହଠାତ ଡ୍ରାଇଭର ମେସିନକୁ ପଛକୁ ଚଳାଇବାରୁ ମନୋଜଙ୍କ ଉପରେ ମେଶିନ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ତାଙ୍କ ପରିବାର ଲୋକେ ବୁଧବାର ଆସି ପହଞ୍ଚିବା ପରେ ପୋଲିସ ମୃତଦେହ ହସ୍ତାନ୍ତର କରିଥିଲା। ଘଟଣାରେ ଗ୍ରେଡର ମେଶିନ ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସମରଜିତ ନାୟକ ପ୍ରକାଶ କରିଛନ୍ତି।

# ଦୁର୍ଘଟଣାରେ ବାପ ମୃତ, ପୁଅ ଗୁରୁତର

ରେମୁଣା,୧୧।୧୨ (ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ଅଞ୍ଚଳରେ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ରେମୁଣା ମହାନ୍ତିପଡ଼ା ଗ୍ରାମର ମାନସ ପାଣିଗ୍ରାହୀ। ବୁଧବାର ସକାଳେ ସ୍କୁଟି ଯୋଗେ ସେ ତାଙ୍କ ପୁଅକୁ ନେଇ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଛାଡ଼ିବାକୁ ଯାଉଥିଲେ। ଜଗନ୍ନାଥପୁର ଚଟାଣ ନିକଟରେ ଏକ ଡମ୍ପର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ବାପ ଓ ପୁଅଙ୍କୁ ଉଦ୍ଧାର କରି ବାଲେଶ୍ୱର ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ମାନସଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସତ୍ୟବାନ



@ ଅଭି



@ ମଲ୍ଲିକ



@ ରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।





















# ସଡ଼କ ଦୁର୍ଘଟଣାରେ ୧ ମାସରେ ୫ ମୃତ

■ ୫୩ନଂ. ଜାତୀୟ ରାଜପଥ ପାଲଟିଛି ମୃତ୍ୟୁଯନ୍ତା
■ ଠିକା ସଂସ୍ଥାର ମନମାନି, ବଢ଼ୁଛି ଦୁର୍ଘଟଣା

ଡେରାବିଶ, ୧୧।୧୨ (ବେବର୍ତ୍ତା ଅଜୟ ଦାସ)



ରାସ୍ତା ନିର୍ମାଣ କାମ ଚାଲିଥିବାରୁ ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯାତାୟାତ କରୁଛନ୍ତି।

ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାସଂସ୍ଥାର ମନମାନି ଯୋଗୁ ଉକ୍ତ ରାଜପଥ ମୃତ୍ୟୁଯନ୍ତା ପାଲଟିଛି। ଠିକା ସଂସ୍ଥା ପକ୍ଷରୁ ରାଜପଥରେ ଆବଶ୍ୟକ କର୍ମଚାରୀ ନିୟୋଜିତ କରାଯାଉନାହିଁ। ଫଳରେ ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାଦ୍ୱାରା ପ୍ରତିଦିନ ଦୁର୍ଘଟଣା ଘଟି ବହୁ ଧନଜୀବନ କ୍ଷତି ଘଟୁଛି। ଠିକାସଂସ୍ଥା ଯେଉଁ ଭାରିଯାନଗୁଡ଼ିକୁ କାମରେ ବ୍ୟବହାର କରୁଛି ସେଗୁଡ଼ିକର ଚାଳକମାନେ ବେପରୁଆ ଭାବେ ଗାଡ଼ି ଚଳାଉଛନ୍ତି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଛି। ବିଭିନ୍ନ ଛକରେ ଓଭରବ୍ରିଜ୍ ନିର୍ମାଣ ଚାଲିଛି। ଏଥିପାଇଁ ରାସ୍ତାକୁ ଡାଇଭର୍ସନ କରାଯାଇଛି। ହେଲେ ଯେଉଁଠାରେ ଡାଇଭର୍ସନ୍ କରାଯାଇଛି ସେଠାରେ ଠିକାସଂସ୍ଥା ସୁରକ୍ଷାକର୍ମୀ ମୁତୟନ କରିନାହିଁ। ଫଳରେ ଗାଡ଼ିଗୁଡ଼ିକ କିପରି ଡାଇଭର୍ସନ ରାସ୍ତାକୁ ଛୁଇଁବ ତାହା ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ପକ୍ଷରୁ ନିର୍ମାଣ ହେଉଥିବା ଏହି ରାଜପଥ କାର୍ଯ୍ୟର ଡେରାବିଶ ଥାନା ଅଧୀନସ୍ଥ ପଞ୍ଚୁପାଣ୍ଡବଠାରୁ ଅଁଳାବାଙ୍କ ଯାଏଁ ବିଭିନ୍ନ ଛକଯାଗାରେ ଠିକା ସଂସ୍ଥା ପକ୍ଷରୁ ଓଭରବ୍ରିଜ୍ ନିର୍ମାଣ ଚାଲିଛି। ଡାଇଭର୍ସନ୍ ରାସ୍ତାରେ ଉଭୟ ଚଣ୍ଡିଖୋଲ ଓ ପାରାଦୀପ ଆଡୁ ଆସୁଥିବା ଯାନବାହନ ଚଳାଚଳ କରୁଥିବା ବେଳେ ଗାଡ଼ି ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଏବଂ ବିଭିନ୍ନ ଛକରେ ଠିକାସଂସ୍ଥା ପକ୍ଷରୁ ହମ୍ପସ୍ ନିର୍ମାଣ ନ ହେବା ରାସ୍ତାକୁ ଏକପ୍ରକାର ମୃତ୍ୟୁଯନ୍ତା ସଜାଇ ଦେଇଛି। ଏକମାସ ମଧ୍ୟରେ ଦୁର୍ଘଟଣାରେ ପଞ୍ଚୁପାଣ୍ଡବ, ଅଁଳାବାଙ୍କଠାରେ ୫ଜଣଙ୍କ ଜୀବନ ଯାଇସାରିଛି। ଏହାପରେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଠିକାସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିବା ସାଧାରଣରେ ବିଭାଗୀୟ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ପ୍ରତି ଛକସ୍ଥାନରେ ନିର୍ମାଣାଧୀନ ଓଭର ବ୍ରିଜ୍ ପାଇଁ ଡାଇଭର୍ସନ୍ ରାସ୍ତାରେ ଠିକାସଂସ୍ଥାର ସୁରକ୍ଷା କର୍ମୀ ମୁତୟନ ନ ହେବା ଓ ସଂସ୍ଥା ପକ୍ଷରୁ ଇଣ୍ଡିକେଟର ଲାଇଟ୍ ବ୍ୟବସ୍ଥା ନ ହେବା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ରାଜପଥର ଯାଜପୁର ଜିଲା ମାତକତପୁର ଛକଠାରୁ କେନ୍ଦ୍ରାପଡ଼ା ଜିଲା ଗୋପଛକ ପର୍ଯ୍ୟନ୍ତ ନିର୍ମାଣ କରୁଥିବା ଠିକା ସଂସ୍ଥା ପକ୍ଷରୁ କୌଣସି ସ୍ଥାନରେ ସୂଚନା ଫଳକ ନ ଲଗାଇବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୁର୍ବଳତା ପଦାରେ ପକାଇଛି।

ଏ ସଂକ୍ରାନ୍ତରେ ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି.ବର୍ମାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କୁହନ୍ତି, ଦୁର୍ଘଟଣା ରୋକିବା ପାଇଁ ଏବଂ ଡାଇଭର୍ସନ ରାସ୍ତାରେ ହମ୍ପସ୍ ନିର୍ମାଣ ଠିକାସଂସ୍ଥା ପକ୍ଷରୁ କରାଯିବା ସହ ସୁରକ୍ଷା କର୍ମୀ ନିୟୋଜିତ ରହିବାକୁ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସତ୍ୟବାନ



@ ଅଭି



@ ମଲ୍ଲିକ



@ ରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିତରକନିକା ସଂରକ୍ଷଣ ପାଇଁ କେନ୍ଦ୍ରର ୨୬ କୋଟି ଅନୁଦାନ

କେନ୍ଦ୍ରାପଡ଼ା, ୧୧।୧୨ (ଜଗନ୍ନାଥ ଧଳ)

ଓଡ଼ିଶାର କେନ୍ଦ୍ରାପଡ଼ା ଜିଲାରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାର ସଂରକ୍ଷଣ ଓ ଉନ୍ନୟନ ପାଇଁ କେନ୍ଦ୍ର ସରକାର ପକ୍ଷରୁ ୨୬ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଏମ୍ପି ବୈଜୟନ୍ତ ପଣ୍ଡାଙ୍କ ଗତ ସୋମବାର ସଂସଦରେ କରିଥିବା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ ଏହି ତଥ୍ୟ ପ୍ରଦାନ କରିଛନ୍ତି। ମନ୍ତ୍ରୀ ଯାଦବ କହିଛନ୍ତି, ୨୦୨୦-୨୧ ଆର୍ଥିକ ବର୍ଷରୁ ୨୦୨୩-୨୪ ମଧ୍ୟରେ ବନ୍ୟଜନ୍ତୁଙ୍କ ଆବସସ୍ଥଳ ଉନ୍ନୟନ ପାଇଁ କେନ୍ଦ୍ରୀୟ ଯୋଜନା ପାଣ୍ଠିରୁ ୫.୧୨ କୋଟି ଟଙ୍କା ଦିଆଯାଇଛି। ଭିତରକନିକା ଓ ଆଖପାଖ ଅଞ୍ଚଳର ହେନ୍ତାଳ ବଣ ପରିଚାଳନା ଓ ସଂରକ୍ଷଣ ପାଇଁ ୪.୮୭ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏଥିସହ ଏନହାନ୍ସିଂ କ୍ଲାଇମେଟ ରିଜିଲେନ୍ସ ଅଫ୍ ଇଣ୍ଡିଆଜ କୋଷ୍ଟାଲ କମ୍ୟୁନିଟିଜ (ଇସିଆରଆଇସିସି) ପ୍ରକଳ୍ପରେ ସନ୍ତୁଳିତ ପରିବେଶ, ହେନ୍ତାଳବଣ ସୃଷ୍ଟି ଓ ଆଖପାଖ ଜୀବନଜୀବିକାର ସୁରକ୍ଷା ପାଇଁ ୧୬.୪୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ୨୦୨୩ରେ ମ୍ୟାନଗ୍ରୋଭ ଇନିସିଏଟିଭ ଫର୍ ସୋରଲାଇନ୍ସ ହାବିଟାଟସ ଆଣ୍ଡ ଟାଙ୍ଗିବ୍ଲ ଇନ୍‌କମସ (ଏମ୍‌ଆଇଏସ୍‌ଟିଆଇ) ଯୋଜନାରେ ୭୦.୨୭ ଲକ୍ଷ ଟଙ୍କା କେନ୍ଦ୍ରାପଡ଼ା ସମେତ ରାଜ୍ୟର ୪ ଜିଲାକୁ ଖର୍ଚ୍ଚ ପାଇଁ କେନ୍ଦ୍ର ସରକାର ପକ୍ଷରୁ ପ୍ରଦାନ କରାଯାଇଛି। ଏହା ସ୍ଥାନୀୟ ପରିବେଶବିତ୍‌ଙ୍କ ମଧ୍ୟରେ ଖୁସି ଆଣିଥିବା ବେଳେ ଯୋଜନା ଅର୍ଥକୁ ଠିକ ବିନିଯୋଗ ପାଇଁ ଦାବି ରଖିଛନ୍ତି।

ପରିବେଶବିତ୍ ଅଧ୍ୟାପକ କ୍ଷିତିଶ କୁମାର ସିଂହ, ସମରେନ୍ଦ୍ର ମାହାଳି, ଅଶୋକ କୁମାର ସ୍ୱାଇଁ, ଡା. ପି.ଏନ୍ ଗୌରାଙ୍ଗ କହିଛନ୍ତି, ଭିତରକନିକାର ଜୈବ ବିବିଧତା ଏହି ଜିଲା ପାଇଁ ବହୁ ଗୁରୁତ୍ୱ ବହନ କରେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଭିତରକନିକାର ହେନ୍ତାଳବଣର ଅବଦାନ ଜିଲାବାସୀ ବିଭିନ୍ନ ସାମୁଦ୍ରିକ ଝଡ ସମୟରେ ଅନୁଭବ କରିଛନ୍ତି। ତେବେ ଏହି ଅଞ୍ଚଳରେ ଅବୈଧ ଚିଙ୍ଗୁଡ଼ି ଘେରି ନିର୍ମାଣ, ଅନୁପ୍ରବେଶକାରୀଙ୍କ ଜଙ୍ଗଲ ଜମି ଜବରଦଖଲ, ବନ୍ୟ ଓ ସାମୁଦ୍ରିକ ଜୀବର ଶୀକାର ଆଦି ଜାତୀୟ ଉଦ୍ୟାନର ବହୁ କ୍ଷତି କରୁଛି। ସେହିପରି ମଧୁର ପାଣି ଅଭାବରୁ ହେନ୍ତାଳବଣ ବୃଦ୍ଧି ସମ୍ଭବ ନୁହେଁ। ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ସୁରକ୍ଷାରେ ଏହି ଅନୁଦାନ ଖର୍ଚ୍ଚ ହୋଇ ପାରିଲେ ପରିବେଶର ସୁରକ୍ଷା ହେବ ବୋଲି ସେମାନେ କହିଛନ୍ତି।

# ଆକାଶ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ରାଜ୍ୟ ଯୁଗ୍ମ ସମ୍ପାଦକ



ଆକାଶ କୁମାର ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଉଛି।

ରାହାମା, ୧୧।୧୨ (ଶ୍ରୀକାନ୍ତ ଦାସ)

ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ ଆକାଶ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ରାହାମା ଅଞ୍ଚଳର ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ମହିଳା ସଭାପତି ସ୍ନେହମୟୀ ଆଚାର୍ଯ୍ୟଙ୍କର ଉପଭୋକ୍ତା ସମ୍ବନ୍ଧୀୟ କାର୍ଯ୍ୟ ଆକାଶଙ୍କୁ ଉତ୍ସାହିତ କରିଛି। ଏନେଇ ଦୀର୍ଘଦିନ ହେବ ସେ ସ୍ନେହମୟୀଙ୍କ ସହ କାର୍ଯ୍ୟ କରି ଆସୁଛନ୍ତି। ଆକାଶଙ୍କ ଦକ୍ଷତା ପାଇଁ ଅଖିଳ ଗ୍ରାହକ କଲ୍ୟାଣ ପରିଷଦର ଜାତୀୟ ସାଧାରଣ ସମ୍ପାଦକ ଦେବେନ୍ଦ୍ର ତିୱାରୀ ତାଙ୍କୁ ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ଖବରପାଇ ସିସିଆଇର ଅନ୍ତର୍ଜାତୀୟ ସଭାପତି ଅନନ୍ତ ଶର୍ମା ଖୁସିବ୍ୟକ୍ତ କରିଛନ୍ତି। ଅଖିଳ ଭାରତ ଗ୍ରାହକ କଲ୍ୟାଣ ପରିଷଦର ରାଜ୍ୟ ସମ୍ପାଦକ ଡ. ସୁନାକାର ବେହେରା, ସ୍ନେହମୟୀ, ତୃପ୍ତି ଲେଙ୍କା, ଶରତ କୁମାର ସାହୁ ଓ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଆକାଶଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଆକାଶ ମଧ୍ୟ ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇବେ ବୋଲି ମତବ୍ୟକ୍ତ କରିଛନ୍ତି।

# ସାନ୍ତାଳୀ ଭାଷା ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଧାୟକଙ୍କ ଦାବି

ମହାକାଳପଡ଼ା, ୧୧।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବହୁ ସଂଖ୍ୟାରେ ଆଦିବାସୀ ପରିବାର ବସବାସ କରନ୍ତି। ହେଲେ ସେମାନଙ୍କ ମୌଳିକ ସମସ୍ୟାର ସମାଧାନ ହୋଇନାହିଁ। ଏହି ପରିବାର ଜଙ୍ଗଲ ଜମିରେ ରହୁଥିଲେ ମଧ୍ୟ ଜମିବାଡ଼ି ପଟ୍ଟା ମିଳିନାହିଁ। ଏହି ପରିବାରର ପିଲାମାନଙ୍କ ପାଇଁ ଆବଶ୍ୟକ ସ୍କୁଲ ନ ଥିବାରୁ ସାନ୍ତାଳୀ ସମ୍ପ୍ରଦାୟର ପିଲାମାନେ ନିଜ ଭାଷାରେ ଶିକ୍ଷା ପାଇ ପାରୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଏକ ସାନ୍ତାଳୀ ଭାଷା ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଧାନସଭାର ଶୀତକାଳୀନ ଅଧିବେଶନରେ ମହାକାଳପଡ଼ା ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଶେଷ କରି ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ମହାକାଳପଡ଼ା ବ୍ଲକ୍ ଅଧୀନ ପେଟଛେଲା ପଞ୍ଚାୟତର ଲୁଣି ମାଠିଆ ଶବରପଡ଼ା, ଜଙ୍ଗଲ ଘେରି, ରାମଚଣ୍ଡିପଡ଼ା, ଖରୀନାସି ପଞ୍ଚାୟତର ବାର ନମ୍ବର, ହରିଆ ବାଙ୍କ, ବଉଳକଣି ପଞ୍ଚାୟତର ସିମ୍ପଡ଼ା, ବାଘୁଆମେଦ, ପନ୍ଦର ମାଇଲି, ଜମ୍ବୁ ପଞ୍ଚାୟତର ଜମ୍ବୁ, ସୁନିତି ପଞ୍ଚାୟତର ଉତ୍ତର ସୁନିତି, ନାଷ୍ଟୁରା ପଞ୍ଚାୟତର ପାଣିଖିଆ ଆଦି ଅଞ୍ଚଳରେ ବସବାସ କରୁଛନ୍ତି। ସାନ୍ତାଳି ଭାଷା ବିଦ୍ୟାଳୟ ନ ଥିବାରୁ ଅନେକ ଶିଶୁ ପାଠ ପଢ଼ିବାରୁ ବଞ୍ଚିତ ହୋଇଛନ୍ତି। ସ୍କୁଲ ପ୍ରତିଷ୍ଠା ହେଲେ ସେମାନେ ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ସହ ସାନ୍ତାଳି ଭାଷା ସୁଦୂର ପ୍ରସାର ହୋଇ ପାରିବ ବୋଲି ବିଧାୟକ ନାୟକ ମତବ୍ୟକ୍ତ କରିଛନ୍ତି।





















# ମହୁମାଛି ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଆହତ


ମହୁମାଛି ଆକ୍ରମଣ ପରେ ରାସ୍ତା ଜନଶୂନ୍ୟ ।

**ଖଣ୍ଡପଡ଼ା,୧୧।୧୨ (ଅଜୟ କୁମାର ମହାରଣା)**

ନୀଳମାଧବଜୀଉ ପୀଠ ତଥା ରାଜ୍ୟ ରାଜପଥ ମେଡିକାଲ ଛକରେ ବୁଧବାର ବାଘ ମହୁମାଛି ଆକ୍ରମଣ ଯୋଗୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସକାଳ ପ୍ରାୟ ସାଢେ ୮ଟା ସମୟରେ କଣ୍ଟିଲୋ ମେଡିକାଲ ଛକ ତଥା କଳାପଥର- ଗଣିଆ ମୁଖ୍ୟ ୪୮ ନଂ. ରାଜ୍ୟରାଜପଥ ପାର୍ଶ୍ୱରେ ଥିବା ଏକ ଲଜିଂରେ ଦୀର୍ଘ ବର୍ଷ ହେବ ବାଘମହୁମାଛି ଫେଣାବାନ୍ଧି ରହିଥିଲେ। ସେମାନେ କେବେ କାହାର କିଛି କରି ନ ଥିଲେ। ବୁଧବାର ସକାଳେ ରାସ୍ତା ପାର୍ଶ୍ୱରେ ପଡିଥିବା ଅଳିଆକୁ ପୋଡ଼ା ଯାଉଥିଲା। ସେହି ଧୂଆଁ ପ୍ରବାହରେ ମହୁମାଛିମାନେ ଫେଣାଛାଡି ଇତସ୍ତତ ଭାବେ ଏଣେତେଣେ ଉଡିଥିଲେ। ଏ ସମୟରେ ବିଭିନ୍ନ ଯାନବାହନରେ ଯାତାୟତ କରୁଥିବା ବ୍ୟକ୍ତି ଓ ପଥଚାରୀମାନଙ୍କୁ ମହୁମାଛିଙ୍କ ଆକ୍ରମଣର ଶିକାର ହେବାକୁ ପଡିଥିଲା। ନିକଟସ୍ଥ ଲକ୍ଷ୍ମୀପ୍ରସାଦ ଗ୍ରାମର କେତେଜଣ ଯୁବକ ବାଇକ୍‌ରେ ଯାଉଥିବା ବେଳେ ମହୁମାଛିଙ୍କ ଆକ୍ରମଣରେ ଆହତ ହୋଇଥିଲେ। ସେହିପରି ଏକ ବିବାହ ଭୋଜି ପାଇଁ ଟେଣ୍ଟ ପ୍ରସ୍ତୁତ କରିବା ପାଇଁ ଭୁବନେଶ୍ୱରରୁ ଆସିଥିବା କେତେଜଣ ବ୍ୟକ୍ତି ମହୁମାଛିଙ୍କ ଆକ୍ରମଣରେ ଆହତ ହୋଇଥିଲେ। ମହୁମାଛିଙ୍କ ଭୟରେ ଲକ୍ଷ୍ମୀପ୍ରସାଦ ଗ୍ରାମର ଜଣେ ବାଇକ୍ ଗାଡ଼ିରୁ ଖସିପଡି ଗୁରୁତର ହୋଇଛନ୍ତି। ତାଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। ଏହି କଥା ପ୍ରଚାର ହେବା ପରେ କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଯାତାୟତ ବନ୍ଦ ହୋଇଯାଇଥିଲା।

# ଛାତ୍ର କରୁଛନ୍ତି ପାଣିଟାଙ୍କି ସଫେଇ

**ନୟାଗଡ଼/ରଣପୁର,୧୧।୧୨ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**

## ଜଣ୍ଡିସ୍ ପରେ ପୁଣି ଚର୍ଚ୍ଚାରେ ଚାନ୍ଦପୁର ସ୍କୁଲ

ନୟାଗଡ଼ ଜିଲା ରଣପୁର ବ୍ଲକ୍ ଚାନ୍ଦପୁର ରାମଚଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୮ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ ପରେ ସ୍କୁଲ ଚର୍ଚ୍ଚାକୁ ଆସିଥିଲା। ଏବେ ସ୍କୁଲ ପକ୍ଷରୁ ଛାତ୍ରମାନଙ୍କୁ ପାଣି ଟାଙ୍କି ସଫେଇରେ ନିୟୋଜିତ କରିବା ଘଟଣା ପୁଣି ଥରେ ବିବାଦ ସୃଷ୍ଟି କରିଛି। ପାଣି ଟାଙ୍କି ସଫା କରିବାକୁ ଛାତ୍ରମାନେ ବିପଦସଙ୍କୁଳ ଭାବେ ଆଜବେଷ୍ଟସ ଦେଇ ଛାତକୁ ଯାଉଛନ୍ତି। ସେଠାରେ ପାଣି ଟାଙ୍କି ସଫେଇ କରି ଫେରୁଛନ୍ତି। ପ୍ରଶ୍ନ ଉଠୁଛି ଛାତ୍ରଙ୍କୁ ଏପରି ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ କରିବାକୁ କିଏ ଅନୁମତି ଦେଲା। ଯଦି କିଛି ଅଘଟଣ ଘଟିଥାନ୍ତା ତେବେ କିଏ ଦାୟୀ ରହିଥାନ୍ତା ବୋଲି କେତେଜଣ ଅଭିଭାବକ ପ୍ରଶ୍ନ କରିଛନ୍ତି।

ସୂଚନା ଅନୁଯାୟୀ, ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ରହିଥିବାବେଳେ ୬୮୫ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସ୍କୁଲରେ ୩୮ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଜଣ୍ଡିସରେ ଆକ୍ରାନ୍ତ ହେବା ଓ ଏଥିରୁ ୩ଜଣ ଭୁବନେଶ୍ୱର ସ୍ଥାନାନ୍ତରିତ ହେବା ପରେ ସ୍କୁଲରେ ପାନୀୟଜଳ ଓ ପରିମଳ କ୍ଷେତ୍ରରେ ହୋଇଥିବା ଅନିୟମିତତା ପଦାକୁ ଆସିଥିଲା। ଧିରେ ଧିରେ ସ୍କୁଲର ଅବସ୍ଥା ବଦଳୁଥିବାବେଳେ ଛାତ୍ରଙ୍କୁ ବିପଦସଙ୍କୁଳ କାର୍ଯ୍ୟରେ ଲଗାଇବା ନେଇ ପୁଣି ବିବାଦ ସୃଷ୍ଟି ହୋଇଛି। ଏନେଇ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କୁ ତାଙ୍କ ଫୋନ୍ ୯୪୩୭୧୫୮୪୨୬ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ୍ ଉଠାଇ ନ ଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମ ଚରଣ ବିଶ୍ୱାଳ କୁହନ୍ତି, ଛାତ୍ରମାନେ ପାଣି ଟାଙ୍କି ସଫେଇ କରୁଥିବା ସଂକ୍ରାନ୍ତରେ ମୁଁ କିଛି ଜାଣିନି। ସ୍କୁଲ ପକ୍ଷରୁ ସେମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇ ନାହିଁ ବୋଲି ସେ ସଫେଇ ଦେଇଛନ୍ତି।


ଛାତ୍ରମାନେ ବିପଦସଙ୍କୁଳ ଭାବେ ପାଣି ଟାଙ୍କି ସଫା କରିବାକୁ ଯାଉଛନ୍ତି।

# ୨୫ରୁ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ

**ଶରଣକୁଳ,୧୧।୧୨ (ଦୀପକ କର)**

ନୟାଗଡ଼ ଜିଲା ଶରଣକୁଳ ନାରାୟଣ ହାଇସ୍କୁଲ ଖେଳପଡ଼ିଆରେ ଆସନ୍ତା ୨୫ରୁ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ନୟାଗଡ଼ରେ ମହିଳା ଫୁଟବଲ ଟୁର୍ନାମେଣ୍ଟ ଦର୍ଶକମାନେ ଦେଖିବେ। ଚଳିତମାସ ୨୫ରୁ ୨୯ତାରିଖ ପର୍ଯ୍ୟନ୍ତ ଦେଶର ବଛାବଛା ୬ ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ଶରଣକୁଳ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ୨୫ରେ ନିତା ଏକାଡେମୀ କଟକ ବନାମ ଜେଏସ୍‌ପିଏସ ରାଞ୍ଚି, ୨୬ରେ ଓଡ଼ିଶା ପୋଲିସ ବନାମ ବିହାର, ୨୭ରେ ୨୫ର ବିଜେତା ବନାମ ଦିଲ୍ଲୀ ଓ ୨୮ରେ ୨୬ର ବିଜେତା ବନାମ ତାମିଲନାଡୁ ପୋଲିସ ମଧ୍ୟରେ ମୁକାବିଲା ହେବ। ୨୯ରେ ୨୭ର ବିଜେତା ବନାମ ୨୮ର ବିଜେତା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର କୋଷାଧ୍ୟକ୍ଷ ପ୍ରମୋଦ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ୧୦୮ ଆମ୍ବୁଲାନ୍ସ ସେବା ବନ୍ଦ ଯୋଗୁ ରୋଗୀ ହନ୍ତସନ୍ତ

**ଶରଣକୁଳ,୧୧।୧୨(ଦୀପକ କର)**

ନୟାଗଡ଼ ଜିଲା ଶରଣକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ୧୦୮ ଆମ୍ବୁଲାନ୍ସ ସେବା ବନ୍ଦ ଯୋଗୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ଶତାଧିକ କୋଟି ଟଙ୍କା ପ୍ରତିବର୍ଷ ବ୍ୟୟ କରୁଥିବା ବେଳେ ୧୦୮ ଭଳି ଏକ ଜରୁରୀ ଆମ୍ବୁଲାନ୍ସ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନଙ୍କ କାମ ବନ୍ଦ ଆନ୍ଦୋଳନ ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଛି। ଶରଣକୁଳ ନିକଟ ପଞ୍ଚରିଡା ଗ୍ରାମର ଗୋପୀନାଥ ପରିଡ଼ାଙ୍କ ସ୍ତ୍ରୀ ଶାନ୍ତି ପରିଡା (୫୫)ଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇ ପଡିବାରୁ ସେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ତାଙ୍କୁ କୁହାଗଲା ଆମ୍ବୁଲାନ୍ସ ନାହିଁ। କିନ୍ତୁ ସେ ଶରଣକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଦେଖିଲେ ୧୦୮ ଆମ୍ବୁଲାନ୍ସ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ଅଛି। କିନ୍ତୁ ସେବା ଯୋଗାଉଥିବା କର୍ମଚାରୀମାନଙ୍କ ଦେଖାନାହିଁ। ଏହା ସମ୍ପର୍କରେ ଭେଷଜ ବିଶେଷଜ୍ଞ ତାପସ ରଞ୍ଜନ ସେନାପତିଙ୍କୁ ପଚାରିବାରେ ସେ କହିଥିଲେ ୧୦୮ ଆମ୍ବୁଲାନ୍ସ ଥିବା ସତ୍ତ୍ୱେ ଶାନ୍ତି ପରିଡାଙ୍କ ଭଳି ହୃଦ୍‌ରୋଗୀ ଅଚେତ ଅବସ୍ଥାରେ ଥିଲେ ମଧ୍ୟ ଜରୁରୀ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ପାରୁନାହାନ୍ତି। ଯଥାଶୀଘ୍ର ଗୁରୁତର ରୋଗୀଙ୍କ ସ୍ୱାସ୍ଥ୍ୟସେବା ଲାଗି ୧୦୮ ଆମ୍ବୁଲାନ୍ସ ସେବା ପୂର୍ବପରି ଯୋଗାଇ ଦିଆଯାଉ। ଅପରପକ୍ଷେ ଶରଣକୁଳ ୧୦୮ ଆମ୍ବୁଲାନ୍ସ ଗାଡ଼ିରେ ସେବା ଯୋଗାଉଥିବା କର୍ମଚାରୀ ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଇ.ଏମ.ଟି. ଶ୍ରୀମୟ ଚହ୍ୱାନ ସ୍ୱାଇଁ ଏବଂ ଆଟେଣ୍ଡାଣ୍ଟ ଦୀପକ କୁମାର ମହାରଣା କୁହନ୍ତି, ବୁଧବାର ସାରାରାଜ୍ୟରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ସେବା ବନ୍ଦ କରିଛନ୍ତି। ନୂଆ କମ୍ପାନୀ ଟେଣ୍ଡର ନେଲାପରେ ଆମର ୧୦୦ଜଣ ପୁରାତନ କର୍ମଚାରୀଙ୍କୁ ପୁନଃନିଯୁକ୍ତି ମିଳୁନାହିଁ। ଆମମାନଙ୍କୁ ମାସର ଠିକ୍ ତାରିଖରେ ଦରମା ମିଳୁନାହିଁ। ସମସ୍ତ କର୍ମଚାରୀ ୧୨ଘଣ୍ଟା କାମ କରିବା ପରେ ବି ୮ ଘଣ୍ଟାର ପାରିଶ୍ରମିକ ମିଳୁଛି। ୧୨ଘଣ୍ଟାର ଡିଉଟି ସରିଲାପରେ ମଧ୍ୟ କାମ କରିବାକୁ ପଡୁଛି। ଖାଇବାକୁ, ବିଶ୍ରାମ ନେବାକୁ କିମ୍ବା ଗାଡିର ମରାମତି କରିବା ପାଇଁ ବି ସମୟ ମିଳୁନାହିଁ। ଫଳରେ ଆମେମାନେ ବହୁ ଚାପରେ କାମ କରିବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏ ସଂକ୍ରାନ୍ତରେ ସରକାର ତୁରନ୍ତ ପଦକ୍ଷେପ ନେବା ଦରକାର। ନଚେତ୍ ରୋଗୀମାନେ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେବେ ବୋଲି ସେ କହିଛନ୍ତି।


ଆନ୍ଦୋଳନରତ ଆମ୍ବୁଲାନ୍ସ କର୍ମଚାରୀ ।

# ବରଯାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ନୂଆଗାଁ,୧୧।୧୨ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ଥାନା ମାଇଛେଳି ନିକଟରେ ମଙ୍ଗଳବାର ରାତିରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ବୋଲି ଅଭିଯୋଗ ହୋଇଛି। ହେଲେ ତାଙ୍କ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ। ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମୃତକ ହେଲେ ରଣପୁର ବ୍ଲକ ଗମ୍ଭାରୀଖୋଲ ଗ୍ରାମର ନବକିଶୋର ସେନାପତି। ମଙ୍ଗଳବାର ନୂଆଗାଁ ବ୍ଲକ ମସ୍କାବାରୀ ଗ୍ରାମରେ ହେଉଥିବା ଏକ ବାହାଘରକୁ ନବକିଶୋର ଆସିଥିଲେ। ସେଠାରୁ ସେ ବରଯାତ୍ରୀଙ୍କ ସାଙ୍ଗରେ ସମ୍ପଡାରୁ ମହିପୁର ଅଭିମୁଖେ ଯାଉଥିବା ସମୟରେ ରାତି ପ୍ରାୟ ୧୧ଟା ସମୟରେ ମାଇଛେଳି ଜଙ୍ଗଲ ନିକଟରେ ଦୁର୍ଘଟଣା ଘଟିଥିଲା। ଏହାପରେ ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ହେଲେ ସେ କେଉଁଠିରେ ଯାଉଥିଲେ, କିଭଳି ତାଙ୍କର ଦୁର୍ଘଟଣା ଘଟିଲା ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

# ହନୁମାନଙ୍କ ସିନ୍ଦୂରଲାଗି ଅଭିଷେକ ପର୍ବ

**ଶରଣକୁଳ,୧୧।୧୨(ଦୀପକ କର)**

ଶରଣକୁଳର ଅଧିଷ୍ଠାତ୍ରୀ ଦେବୀ ମା’ ଝାଡ଼େଶ୍ୱରୀ ପୀଠ ପାର୍ଶ୍ୱରେ ବିରାଜମାନ ବୀର ହନୁମାନଙ୍କ ସିନ୍ଦୂରଲାଗି ଅଭିଷେକ ପର୍ବ ଅନୁଷ୍ଠିତ ହୋଇଯାଇଛି। ସକାଳେ ଜଳଯାତ୍ରା ଓ ସୁନ୍ଦରାକାଣ୍ଡ ପରେ ଶ୍ରୀହନୁମାନ ଚାଳିଶା ପାଠ ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ପରେ ହନୁମାନଙ୍କ ଅଭିଷେକ ଓ ସିନ୍ଦୁରାଭିଷେକ ଆରମ୍ଭ ହୋଇଥିଲା। ଭକ୍ତମାନେ ପ୍ରଭୁଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହିତ ଯଜ୍ଞକାର୍ଯ୍ୟରେ ଆର୍ଥିକ, ମାନସିକ ଓ କାୟିକ ସହଯୋଗ କରିଥିଲେ। ବିଭିନ୍ନ ବ୍ରାହ୍ମଣ ଶାସନରୁ ୨୦ରୁ ଅଧିକ ବ୍ରାହ୍ମଣ ବରଣ ହୋଇ ଆସି ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରତିଦିନ ପ୍ରାୟ ୨୦୦୦ ଭକ୍ତଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସତ୍ୟବାନ


@ ଅଭି


@ ମଲ୍ଲିକ


@ ରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।





















